

୨୭/୩/୨୦୨୪ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୧୮,୪୦୬/- ସୁନା: ୦୧.୧୫୦ ଗ୍ରାମ୍ ରୁପା: ୭୬.୦୦୦ ଗ୍ରାମ୍



## ମହାପ୍ରଭୁଙ୍କର ହେଲା ବନକଲାଗି

**ପୁରୀ,୨୭।୩(ସମିସ):** ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି କରାଯାଇଛି। ଅପରାହ୍ନ ୫ଟା ୧୫ରେ ଦ୍ୱିପ୍ରହର ଧୂପ ସରିବା ପରେ ମଇଲମ ହୋଇ ୫ଟା ୩୫ରେ ତଡ଼ପଲାଗି କରାଯାଇଥିଲା। ୫ଟା ୫୫ରେ ପହୁଡ଼ ଆଳତି ହେବା ପରେ ସନ୍ଧ୍ୟା ୬ଟା ୧୦ରେ ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦଇତାପତି ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଦଇତାପତି ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତାର ଗରମ ବାଷ୍ପ ଯୋଗୁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

## ଦୁର୍ଘଟଣାରେ ଯୁବକ ମୃତ

**ପୁରୀ,୨୭।୩(ସମିସ):** ହୋଲିରେ ଅଘଟଣ। ନୂଆ ମେରାଇନ୍ ଡ୍ରାଇଭ ରାସ୍ତା ଓଁକାରେଶ୍ୱର ମନ୍ଦିର ଛକ ନିକଟରେ ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଆଉ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ପିଙ୍କୁ ପ୍ରଧାନ। ଗୁରୁତର ହୋଇଥିବା ଯୁବକ ହେଲେ ଦେବେନ୍ଦ୍ର ପ୍ରଧାନ। ତିନିଜଣ ସାଙ୍ଗ ବାଇକ୍ ଯୋଗେ ଓଁକାରେଶ୍ୱର ମନ୍ଦିର ଛକ ନିକଟରେ ଥିବାବେଳେ ମଙ୍ଗଳାଘାଟ ଅଭିମୁଖେ ଯାଉଥିବା ଏକ ବୋଲେରୋ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ପିଙ୍କୁର ମୃତ୍ୟୁ ଘଟିଥିଲା। ଦେବେନ୍ଦ୍ରଙ୍କୁ ଚିକିତ୍ସା ପାଇଁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଟ୍ରାଫିକ ଥାନା ପୁଲିସ ଦୁର୍ଘଟଣା ଘଟାଇଥିବା ବୋଲେରୋ ଜବତ କରି ଘଟଣାର ତଦନ୍ତ କରୁଛି।

## ଏକାଧିକ ମାମଲାର ଅଭିଯୁକ୍ତ ଗିରଫ

**ପୁରୀ,୨୭।୩(ସମିସ):** ବହୁ ମାମଲାର ଅଭିଯୁକ୍ତକୁ ଗିରଫ କରିଛି ଚନ୍ଦନପୁର ଥାନା ପୁଲିସ। ସେ ହେଉଛି ଜିରାକନ୍ଦି ଗ୍ରାମର ସଦାଶିବ ରାଉତ। ଗତ ଜୁଲାଇ ୫ ତାରିଖ ରାତିରେ ତୁଳସୀ ଚଉରାସ୍ଥିତ କାହ୍ନା ହୋଟେଲ ନିକଟ ଏକ ପରିତ୍ୟକ୍ତ ଘରେ ବସି ଡକାୟତି ଯୋଜନା କରୁଥିଲେ। ସେହି ରାତିରେ ସେମାନେ ଦାମୋଦରପୁର ବଜାରର ଏକ ଅଳଙ୍କାର ଦୋକାନରେ ଡକାୟତି କରିଥାନ୍ତେ। ତେବେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚନ୍ଦନପୁର ପୁଲିସ ଚଢାଉ କରିଥିଲା। ହେଲେ ଅନ୍ୟମାନଙ୍କୁ ପୁଲିସ କାବୁ କରିଥିବା ବେଳେ ସଦାଶିବ ଖସି ଯାଇଥିଲା। ଏ ନେଇ ଥାନାରେ ଏକ ମାମଲା (୧୫୪/୨୪) ରୁଜୁ କରି ତଦନ୍ତ ଚଳାଇଛି।

# ଚିତ୍ର ସ୍ପଷ୍ଟକଲା ବିଜେଡି



### ପୁରୀର ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ
### ପୁରୀ ସଦରରୁ ସୁନୀଲ, ସତ୍ୟବାଦୀରୁ ସଞ୍ଜୟ
### ପିପିଲିରୁ ରୁଦ୍ର ଓ ବ୍ରହ୍ମଗିରିରୁ ଲଢ଼ିବେ ଉମା

କ୍ଷେତ୍ର ମଧ୍ୟରୁ ୬ଟିରେ ବି ପ୍ରାର୍ଥୀ ନାଁ ଘୋଷଣା କରିଛନ୍ତି।









**ପୁରୀ,୨୭।୩(ସମିସ)**

ସାଧାରଣ ନିର୍ବାଚନକୁ ନେଇ ଏବେ ସବୁଠି ଉତ୍ସୁକତା ପ୍ରକାଶ ପାଇଛି। କିଏ କେଉଁ ଦଳରୁ କେଉଁ ଜାଗାରୁ ପ୍ରାର୍ଥୀ ହେବେ ତାହାକୁ ନେଇ ଯେଉଁ ଆଶା ଆଶଙ୍କା ଲାଗି ରହିଥିଲା ଧୀରେ ଧୀରେ ତା' ଉପରୁ ପରଦା ହଟିବାରେ ଲାଗିଛି। ଏହି କ୍ରମରେ ବିଜେଡି ଆଗରେ ରହିଛି। ପୁରୀ ସଂସଦୀୟ କ୍ଷେତ୍ରକୁ ନେଇ ସପ୍ତାହେ ପୂର୍ବରୁ ବେଶ୍ ଚର୍ଚ୍ଚା, ଆଲୋଚନା ଚାଲିଥିଲା। ହେଲେ ବିଜେଡି ସେଥିରେ ପୂର୍ଣ୍ଣଚ୍ଛେଦ ଟାଣି ତା'ର ଚିତ୍ର ସ୍ପଷ୍ଟ କରିଛି। ପୁରୀରୁ ସାଂସଦ ପ୍ରାର୍ଥୀ ହେବେ ଓଡିଶା ମୋ ପରିବାରର ରାଜ୍ୟ ଆବାହକ ଅରୂପ ପଟ୍ଟନାୟକ। ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ଘୋଷଣା କରିଥିବା ବେଳେ ଏହି ସଂସଦୀୟ କ୍ଷେତ୍ରରେ ଥିବା ୭ଟି ବିଧାନସଭା ଫଳରେ ଏବେ ନିର୍ବାଚନକୁ ନେଇ ବିଜେଡି ଶିବିର ଆହୁରି ଚଳଚଞ୍ଚଳ ହୋଇପଡିଥିବା ବେଳେ ଦଳୀୟ କର୍ମୀ ଓ ନେତାଙ୍କ ଭିତରେ ବି ଉତ୍ସାହ ବଢିଛି।

ଗୋଟିଏ ଦୃଷ୍ଟିରୁ ଦେଖିଲେ ମାଟିର ପୁଅ ଭାବେ ଅବତୀର୍ଣ୍ଣ ହୋଇଛନ୍ତି ଅରୂପ। ତାଙ୍କ ନିଜ ଗାଁ ପିପିଲି ନିର୍ବାଚନମଣ୍ଡଳୀରେ। ମାଟିର ପୁଅ ନାରା, କ୍ଲିନ୍ ଇମେଜର ପ୍ରଶାସନିକ ଭାବେ ଟ୍ରାକ୍ ରେକର୍ଡ ସହ ସମାଜସେବୀ ଅରୂପଙ୍କୁ ପୁରୀ ମଇଦାନରେ ପ୍ରୋଜେକ୍ଟ କରିଛି ବିଜେଡି। ମୁମ୍ବାଇର ପୂର୍ବତନ ପୋଲିସ କମିଶନର ଅରୂପ ପଟ୍ଟନାୟକ ୨୦୧୯ରେ ଭୁବନେଶ୍ୱର ଲୋକସଭା ଆସନରୁ ଲଢିଥିଲେ ହେଁ ଅଳ୍ପ ଭୋଟ ବ୍ୟବଧାନରେ ହାରିଥିଲେ। ହେଲେ ଏହି ୫ ବର୍ଷ ମଧ୍ୟରେ ରାଜନୀତିର ଜଣେ ଅଭିଜ୍ଞ ବ୍ୟକ୍ତିତ୍ୱ ଭାବେ ନିଜକୁ ପ୍ରମାଣିତ କରିଥିବା ଅରୂପ ଓଡ଼ିଶା ମୋ ପରିବାର ଦାୟିତ୍ୱ ନେଇ ଜଣେ ସମାଜସେବୀ ଭାବେ ନିଜ ଇମେଜ ତିଆରି କରିଛନ୍ତି। ତେଣୁ ଏଥର ପୁରୀରୁ ତାଙ୍କୁ ପ୍ରାର୍ଥୀ କରିଛି ବିଜେଡି। ସେହିପରି ପୁରୀ ସଂସଦୀୟ କ୍ଷେତ୍ର ଅଧୀନରେ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ (ପୁରୀ, ପିପିଲି, ସତ୍ୟବାଦୀ, ବ୍ରହ୍ମଗିରି, ଚିଲିକା ନୟାଗଡ଼ ଓ ରଣପୁର) ରହିଛି। ଏଥମଧ୍ୟରୁ କେବଳ ଚିଲିକାକୁ ବାଦ୍ ଦେଲେ ଅନ୍ୟ ୬ଟିରୁ କିଏ ପ୍ରାର୍ଥୀ ହେବେ ତାହା ସ୍ପଷ୍ଟ କରିଛନ୍ତି ବିଜେଡି ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପୁରୀରୁ ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ସୁପୁତ୍ର ସୁନୀଲ ମହାନ୍ତିଙ୍କ ନାଁ ଘୋଷଣା କରାଯାଇଥିବା ବେଳେ ସତ୍ୟବାଦୀରୁ ଅଭିଜ୍ଞ ସଞ୍ଜୟ କୁମାର ଦାସବର୍ମା, ବ୍ରହ୍ମଗିରିରୁ ଉମାକାନ୍ତ ସାମନ୍ତରାୟ, ପିପିଲିରୁ ରୁଦ୍ରପ୍ରତାପ ମହାରଥୀ ପ୍ରାର୍ଥୀ ହୋଇଛନ୍ତି। ସେହିପରି ନୟାଗଡ଼ରୁ ଡ. ଅରୁଣ କୁମାର ସାହୁ ଏବଂ ରଣପୁରରୁ ସତ୍ୟନାରାୟଣଙ୍କ ନାଁ ଘୋଷଣା କରାଯାଇଛି। ଏମାନଙ୍କ ମଧ୍ୟରୁ ନୂଆମୁହଁ ଭାବେ ରାଜନୀତି ମଇଦାନରେ ପ୍ରବେଶ କରିଛନ୍ତି ସୁନୀଲ ମହାନ୍ତି। ସେହିପରି ଉମାକାନ୍ତ ସାମନ୍ତରାୟ ଏବଂ ସଞ୍ଜୟ ଦାସବର୍ମାଙ୍କ ମଧ୍ୟରେ ନିର୍ବାଚନମଣ୍ଡଳୀ ଅଦଳ ବଦଳ ହୋଇଛି। ପୂର୍ବରୁ ଉମାକାନ୍ତ ସତ୍ୟବାଦୀରୁ ଜିତିଥିବା ବେଳେ ବ୍ରହ୍ମଗିରିରୁ ସଞ୍ଜୟ କମ୍ ଭୋଟ ବ୍ୟବଧାନରେ ପରାସ୍ତ ହୋଇଥିଲେ। ତେବେ ଦଳ ସଭାପତିଙ୍କ ନିଷ୍ପତ୍ତିକ୍ରମେ ସଞ୍ଜୟ ଏଥର ସତ୍ୟବାଦୀରୁ ଲଢୁଥିବା ବେଳେ ବ୍ରହ୍ମଗିରିରୁ ପ୍ରାର୍ଥୀ ହୋଇଛନ୍ତି ଉମା। ସେହିପରି ଗତଥର ଜିତିଥିବା ଅରୁଣ ସାହୁ, ସତ୍ୟନାରାୟଣ ଏବଂ ରୁଦ୍ର ପ୍ରତାପ ନିଜ ନିଜ ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇଛନ୍ତି। ତେବେ ପ୍ରାର୍ଥୀ ଘୋଷଣା ପରେ ଏବେ ବିଜେଡି ନେତା ଓ କର୍ମୀଙ୍କ ମହଲରେ ବେଶ୍ ଉତ୍ସାହ ବୃଦ୍ଧି ପାଇଛି।

## ସୁନାବେଶରେ ଦର୍ଶନଦେଲେ ମହାପ୍ରଭୁ

**ପୁରୀ,୨୭।୩(ସମିସ)**

ପବିତ୍ର ଦୋଳ ପୂର୍ଣ୍ଣିମାରେ ଗତ ସୋମବାର ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ରତ୍ନସିଂହାସନରେ ଦାରୁବିଗ୍ରହ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ସେହିପରି ଦୋଳବେଦୀରେ ଶ୍ରୀଦୋଳଗୋବିନ୍ଦଙ୍କୁ ଦର୍ଶନ କରି କୃତାର୍ଥ ହୋଇଛନ୍ତି ଶ୍ରଦ୍ଧାଳୁ। ବିଶେଷକରି ଶ୍ରୀବିଗ୍ରହଙ୍କ ସୁନାବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା। ସେହିପରି ମଙ୍ଗଳବାର ମହାପ୍ରଭୁଙ୍କ ହୋଲି ନୀତି ସମ୍ପନ୍ନ ହୋଇଥିଲା।

ଦୋଳ ପୂର୍ଣ୍ଣିମା ଅବସରରେ ଭୋର ୫ଟା ୨୫ରେ ଦ୍ୱାର ଫିଟିଥିଲା। ନୀତି ନିର୍ଘଣ୍ଟ ଅନୁଯାୟୀ, ରାତ୍ର ୩ଟାରେ ଦ୍ୱାର ଫିଟିବାକୁ ଥିବା ବେଳେ ପ୍ରାୟ ଅଢେଘଣ୍ଟା ବିଳମ୍ବ ହୋଇଥିଲା। ଏହି ବିଳମ୍ବ ଅନ୍ୟ ନୀତିକାନ୍ତିକୁ ପ୍ରଭାବିତ କରିଥିଲା। ଅନ୍ୟପକ୍ଷରେ ମହାପ୍ରଭୁଙ୍କ ସୁନାବେଶ ଦେଖିବା ପାଇଁ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା। ଚାରିଦିନିଆ ଛୁଟି ପଡିଥିବାରୁ ପୁରୀକୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଆସିଥିଲେ। ତେଣୁ ନିର୍ଦ୍ଧାରିତ ସମୟରେ କିପରି ମହାପ୍ରଭୁଙ୍କ ନୀତିକାନ୍ତି ହେବ ତା' ଉପରେ ନଜର ରଖାଯାଇଥିଲା। ପୁଲିସ ପକ୍ଷରୁ ଦର୍ଶନ ବ୍ୟବସ୍ଥା କିପରି ଶୃଙ୍ଖଳିତ ରହିବ ସେ ନେଇ ବ୍ୟାପକ ସୁରକ୍ଷା କର୍ମୀ ନିୟୋଜିତ ହୋଇଥିଲେ। ଶ୍ରଦ୍ଧାଳୁମାନେ ରତ୍ନସିଂହାସନରେ ଚତୁର୍ଦ୍ଧାବିଗ୍ରହଙ୍କୁ ସୁନାବେଶରେ ଦର୍ଶନ କରି ଖୁସିରେ ଫେରିଥିଲେ।



## ପୁରୀ ଆର୍ଟିଷ୍ଟ ଆସୋସିଏସନର ନବମ ବାର୍ଷିକ ଉତ୍ସବ

**ପୁରୀ,୨୭।୩(ସମିସ):** ପୁରୀ ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ନବମ ବାର୍ଷିକ ଉତ୍ସବ ଓ ବିଶ୍ୱ ନାଟ୍ୟ ଦିବସ ବୁଧବାର ଆରମ୍ଭ ହୋଇଛି। ଏହି ଅବସରରେ ଆସୋସିଏଶନର ସମସ୍ତ କର୍ମକର୍ତ୍ତାଙ୍କ ଦ୍ୱାରା ପ୍ରଥମେ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସେଠାରୁ ଏକ ମଶାଲ ଶୋଭାଯାତ୍ରା ବାହାରି ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ପହଞ୍ଚିଥିଲା। ଏହାପରେ ପ୍ରଥମ ଦିନର ନାଟକ ମଞ୍ଚସ୍ଥ ପୂର୍ବରୁ ସଭାପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୁରୀ ଜିଲ୍ଲା ବିଜୁ ଜନତା ଦଳର ସଭାପତି ଦିବାକର ପାତ୍ର, ଉପଦେଷ୍ଟା ଚକ୍ରଧର ମହାପାତ୍ର, ବରିଷ୍ଠ ନାଟ୍ୟକାର ପ୍ରସନ୍ନ ମିଶ୍ର, ବରିଷ୍ଠ କଳାକାର କୃଷ୍ଣଚନ୍ଦ୍ର ସାହୁ, ନାଟ୍ୟକାର ତଥା ଗୀତିକାର କବି ତିଳକ ଆର୍ତ୍ତତ୍ରାଣ ଶତପଥୀ, ଅନୁଷ୍ଠାନର ସଭାପତି ଭରତ ନାୟକ ଏବଂ ସମ୍ପାଦକ ଶକ୍ତି ପ୍ରସାଦ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନାଟକ ଉପରେ ଆଲୋଚନାଚକ୍ର କରାଗଲେ ନାଟକର ଅନେକ ରହସ୍ୟମୟ ତଥ୍ୟ ମିଳିପାରନ୍ତା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସହରାଞ୍ଚଳରୁ ପ୍ରସନ୍ନ କୁମାର ମିଶ୍ର ଏବଂ ଗ୍ରାମାଞ୍ଚଳରୁ ନୀଳାମ୍ବର ତ୍ରିପାଠୀଙ୍କୁ ଆଜୀବନ ନାଟକ ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାପରେ ନାଟକ "ପିଢୀ' ମଞ୍ଚସ୍ଥ ହୋଇଥିଲା, ଯାହାର ନିର୍ଦ୍ଦେଶନା ଦେଇଛନ୍ତି ଲକ୍ଷ୍ମୀଧର ମିଶ୍ର। ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟ କୃଷ୍ଣଚନ୍ଦ୍ର ସାହୁ, ସମୀର ଶତପଥୀ, ଭାରତୀ ମହାପାତ୍ର, ପ୍ରତାପ କୁମାର ସାହୁ, ସବିତା ହରିଚନ୍ଦନ, ଶୁଭସ୍ମିତା ରାଉତରାୟ, ମନିଷା ମହାନ୍ତି, ପ୍ରଦୀପ ପ୍ରଧାନ, ବିକାଶ ଦତ୍ତ, ରବି ନାରାୟଣ ତ୍ରିପାଠୀ, ଦୀପକ କୁମାର ମହାନ୍ତି, ଗଣେଶ ମହାପାତ୍ର, ଅଭ୍ୟୁଦୟ ଦାସ, ନରସିଂହ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଶ୍ୟାମପ୍ରକାଶ ସେନାପତି। ଶେଷରେ ଅନୁଷ୍ଠାନର ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।



## ଶ୍ରୀକ୍ଷେତ୍ରରେ ଜମିଲା ରଙ୍ଗର ପର୍ବ

ପୁରୀ,୨୭।୩(ସମିସ): ରଙ୍ଗର ପର୍ବ ହୋଲି ପୁରୀରେ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ଏଥର ଜମିଛି ହୋଲି ଖେଳ। ପ୍ରେମ, ଭାତୃତ୍ୱ ଓ ଭାଇଚାରାର ପ୍ରତୀକ ହୋଲିକୁ ନେଇ ବେଶ୍ ଉତ୍ସବମୁଖର ହୋଇପଡିଥିଲା ପୁରୀ। ମଙ୍ଗଳବାର ସକାଳୁ ଗାଁଠୁ ସହର ସବୁଠି ପରସ୍ପରକୁ ରଙ୍ଗ ଲଗାଇ ରଙ୍ଗର ପର୍ବର ଶୁଭେଚ୍ଛା ଜଣାଇଥିଲେ। ସେହିପରି ପୁରୀ ସହରର ପ୍ରାତ୍ୟେକ ସାହିଗଳିରେ ହୋଲି ଖେଳ ଜମି ଥିଲା। ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତ ଏଥିରେ ମଜ୍ଜି ଯାଇଥିଲେ। ଅବିର ରଙ୍ଗରେ ରଙ୍ଗୀନ ହୋଇ ନାଚ ଗୀତରେ ବେଶ୍ ଧୂମ୍‌ଧାମରେ ହୋଲି ପର୍ବ ମନାଇଥିଲେ। ବିଭିନ୍ନ ଜାଗାରେ ଡିଜେ ସାଉଣ୍ଡର ତାଳେ ତାଳେ ନାଚଗୀତ ସାଙ୍ଗକୁ ସାତରଙ୍ଗରେ ରଙ୍ଗୀନ ହୋଇଥିଲେ ଶ୍ରୀକ୍ଷେତ୍ରବାସୀ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପରିସରରେ ମଧ୍ୟ ଖୁବ୍ ଧୂମ୍‌ଧାମରେ ହୋଲି ପର୍ବ ପାଳନ କରାଯାଇଥିଲା। କେତେକ ଅନୁଷ୍ଠାନ ପକ୍ଷରୁ ରାସାୟନିକ ରଙ୍ଗ ବ୍ୟବହାର ନ କରି ପ୍ରାକୃତିକ ରଙ୍ଗରେ ହୋଲି ଖେଳିବାକୁ ସଚେତନ କରାଯାଇଥିଲା।

# ହୋଲି ଖେଳିଲେ ଜାପାନୀ ପର୍ଯ୍ୟଟକ



**ପୁରୀ,୨୭।୩(ସମିସ)**

ରଙ୍ଗର ପର୍ବ ହୋଲି। ଓଡ଼ିଶାର ପୁରପଲ୍ଲୀରେ ଏହି ଭାଇଚାରା ପର୍ବ ବେଶ୍ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ପରସ୍ପରକୁ ରଙ୍ଗ ପର୍ବର ଶୁଭେଚ୍ଛା ଜଣାଇବା ସହ ଖେଳିଛନ୍ତି ହୋଲି। କେବଳ ଓଡ଼ିଆ ନୁହନ୍ତି ବିଦେଶୀ ପର୍ଯ୍ୟଟକ ବି ଏଥିରେ ସାମିଲ ହୋଇଛନ୍ତି। ପୁରୀ ବେଳାଭୂମିରେ ହୋଲି ଖେଳିଛନ୍ତି ଜାପାନୀ ପର୍ଯ୍ୟଟକ। ଭାରତ-ଜାପାନ ଫ୍ରେଣ୍ଡଶିପ ସେଣ୍ଟର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ଜାପାନୀ ପର୍ଯ୍ୟଟକ ହୋଲି ପର୍ବରେ ସାମିଲ ହୋଇ ନିଆରା ଅନୁଭୂତି ସାଉଣ୍ଟିଛନ୍ତି। ପରସ୍ପର ଦେହରେ ରଙ୍ଗ, ଅବିର ଲଗାଇବା ସହ ଆଲିଙ୍ଗନ କରି ହୋଲି ପର୍ବର ଶୁଭେଚ୍ଛା ଜଣାଇଥିଲେ। ଏ ସମ୍ପର୍କରେ ସେଣ୍ଟରର ସଭାପତି ଶ୍ରୀମନ୍ତ କୁମାର ଦାଶ କୁହନ୍ତି, ହୋଲି ଭାଇଚାରାର ପର୍ବ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏଥିରେ ଏକତ୍ରିତ ହୋଇଥାନ୍ତି। ହୋଲିପର୍ବ ଏବଂ ଉତ୍କଳୀୟ ସଂସ୍କୃତି ଓ ଐତିହ୍ୟ ସମ୍ପର୍କରେ ଜାପାନୀ ଭାଷାରେ ସେମାନଙ୍କୁ ଅବଗତ କରାଇବା ପରେ ସେମାନେ ବେଶ୍ ଖୁସି ହୋଇ ସାତ ରଙ୍ଗର ମଜା ନେବା ସହ ଭରପୂର ଆନନ୍ଦ ଉପଭୋଗ କରିଥିଲେ। ମଙ୍ଗଳବାର ସକାଳେ ପ୍ରଥମେ ସେଣ୍ଟର ପରିସରରୁ ବାହାରି ରାସ୍ତାରେ ସମସ୍ତଙ୍କ ସହିତ ରଙ୍ଗ ଖେଳି ଚକ୍ରତୀର୍ଥ ବେଳାଭୂମିରେ ପହଞ୍ଚିଥିଲେ। ଓଡ଼ିଆ ଏବଂ ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା ପର୍ଯ୍ୟଟକଙ୍କ ସହ ସାମିଲ ହୋଇ ହୋଲି ଖେଳି ସମୁଦ୍ର ସ୍ନାନର ମଜା ନେଇଥିଲେ ଜାପାନର ନାଗରିକ। ସେମାନେ ପ୍ରାକୃତିକ ରଙ୍ଗରେ ହୋଲି ଖେଳିଥିଲେ। ଏହାଦ୍ୱାର ଉଭୟ ଦେଶର ଭାଇଚାରା ଓ ସମ୍ପର୍କ ସୁଦୃଢ ହେବା ସହ ପର୍ଯ୍ୟଟନର ବିକାଶ ହୋଇପାରିବ ବୋଲି ଶ୍ରୀ ଦାଶ ମତବ୍ୟକ୍ତ କରିଛନ୍ତି।

## ଆଇନ ସେବା ପ୍ରାଧିକରଣର ସଚେତନତା ଶିବିର

**ପୁରୀ,୨୭।୩(ସମିସ)**

ପୁରୀ ଜିଲ୍ଲା ଆଇନ ସେବା ପ୍ରାକରଣର ଅଧ୍ୟକ୍ଷା ତଥା ଜିଲ୍ଲା ଓ ଦୌରାଜଜ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାୟୀ ବୁଧବାର ସତ୍ୟବାଦୀ ବ୍ଲକର ପେଣ୍ଠପଡା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ସଚିବ ଅମିତ କୁମାର ବାରିକ ଅଧ୍ୟକ୍ଷତା କରି କହିଥିଲେ ଯେ, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଜାତିଗତ ଆକ୍ଷେପ କିମ୍ବା ଜାତିପ୍ରଥାକୁ ନେଇ ଜନସାଧରଣଙ୍କୁ ଅସମ୍ମାନିତ କରିବା ଏକ ଦଣ୍ଡନୀୟ ଅପରାଧ। ଆଇନ ସେବା ପ୍ରାଧିକରଣ ତରଫରୁ ପାରାଲିଗାଲ ସ୍ୱେଚ୍ଛାସେବୀ, ପ୍ୟାନେଲ ଆଇନଜୀବୀମାନଙ୍କ ଦ୍ୱାରା ଗାଁ ଗାଁ ବୁଲି ବ୍ୟାପକ ଆଇନ ସଚେତନ କରାଯାଉଛି। ନିଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ ଏବଂ ସମ୍ମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇବା ସହ ବିଭିନ୍ନ ଆଇନ ସାକ୍ଷରତା କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କୁ ମାଗଣା ଆଇନ ସେବା ଭଳି ଅଧିକାର ବିଷୟରେ ସୂଚନା ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସତ୍ୟବାଦୀ ବ୍ଲକର ସିଡିପିଓ, ଆଇସିଡିଏସ୍, ସୁପରଭାଇଜର, ଓଏଲଏମ୍ କୋଅର୍ଡିନେଟର, ପେଣ୍ଠପଡା ପଞ୍ଚାୟତର ସରପଞ୍ଚ, ସିଡବ୍ଲ୍ୟୁସି ସଦସ୍ୟ ଉପେନ୍ଦ୍ର ବିଶ୍ୱାଳଙ୍କ ସମେତ ପଞ୍ଚାୟତର ଶତାଧିକ ଗ୍ରାମବାସୀ ଓ ମହିଳା ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ।





# ଶୁଖିଯିବ ପାନାମା!

ପ୍ରଶାନ୍ତ ମହାସାଗରକୁ ଆଟଲାଣ୍ଟିକ ମହାସାଗର ସହ ଯୋଡୁଥିବା ୭୨ କିଲୋମିଟର ଲମ୍ବ ପାନମା କେନାଲର ନିର୍ମାଣଗତ ବୈଚିତ୍ର୍ୟ ରହିଛି। ଏହି କେନାଲ ଦେଇ ଯାଉଥିବା ପ୍ରତିଟି ମାଲବାହୀ ଜାହାଜ(କାର୍ଗୋ ସିପ୍)କୁ ଅତିକମରେ ୨୦୦ ନିୟୁତ ଲିଟର ମଧୁର ଜଳ ଦରକାର ପଡ଼ିଥାଏ। ଅର୍ଥାତ୍ ପ୍ରତିଟି କାର୍ଗୋ ସିପ୍ ପାଇଁ ୧୮୨ଟି ବିଶାଳକାୟ ୱାଟର ଟ୍ୟାଙ୍କରର ଜଳ ଦରକାର ପଡ଼ିଥାଏ। ପ୍ରତ୍ୟେକ ଦିନ ପାନମା ଦେଇ ଅନ୍ୟୂନ ୪୦ଟି କାର୍ଗୋସିପ୍ ଚଳାଚଳ କରିଥାଏ। ତେଣୁ କେତେ ଫ୍ରେସ୍ ୱାଟର ଦିକୁ ଦରକାର ତାହା ହିସାବ କରାଯାଇପାରେ ଓ ବିସ୍ମିତ ହେବାକୁ ପଡ଼ିଥାଏ। ପାନମା ଏକ ସମତଳ ଅଞ୍ଚଳ ନୁହେଁ। ସମୁଦ୍ର ପୃଷ୍ଠତାରୁ ଏହା ହାରାହାରି ୩୬୦ ମିଟର ଉଚ୍ଚରେ ରହିଛି। ତେଣୁ କେତେ ଅଧିକ ଗଭୀରର କେନାଲ ଖୋଳିବା ଦରକାର ତାହା ଅନୁମାନ କରାଯାଇପାରେ। ପାନମା କେନାଲର ଡିଜାଇନ୍ ଏପରି ଯେ ଜାହାଜକୁ ଉପରକୁ ଟେକିକରି ଗୋଟିଏ ସ୍ତରରୁ ଅନ୍ୟ ସ୍ତରକୁ ନିଆଯାଏ। ଜାହାଜ ପ୍ରଥମେ ଗୋଟିଏ ଜଳ ସ୍ତରର ଲକକୁ ପ୍ରବେଶ କରେ। ତାପରେ କେନାଲର ସେହି ସ୍ତରର ଆଗ ଓ ପଛ ଲକ୍ କରିଦିଆଯାଇ ପାଣି ସେତେବେଳ ଯାଏ ଢ଼ଳାଯାଏ ଯେପରି ଜଳସ୍ତର ଆଗରେ ଉଚ୍ଚରେ ଥିବା ଲକର ସମାନ ସ୍ତରରେ ପହଞ୍ଚିବ। ତା'ପରେ ଆଗ ଲକ୍ ଖୋଲାଯାଏ ଓ ଜାହାଜ ଅଗ୍ରସର ହୁଏ। ସମୁଦ୍ର ଜଳ ପମ୍ପ କରି କେନାଲର ଜଳ ସ୍ତର ବଢ଼ାଯାଇପାରିବ କିନ୍ତୁ ସେଥିପାଇଁ ବହୁତ ବଡ଼ ଏନର୍ଜି ସୋର୍ସ ଦରକାର ଯାହା ଅତୀବ ବ୍ୟୟସାପେକ୍ଷ। ତେଣୁ କେନାଲଠାରୁ ଅଧିକ ଉଚ୍ଚତାରେ ଥିବା ବର୍ଷାଜଳରେ ପୂର୍ଣ୍ଣଗର୍ଭା ନଦୀ ଓ ହ୍ରଦରୁ ମଧୁର ପାଣି କ୍ଷୁଦ୍ର ନାଳ ଓ ପାଇପ୍ ଯୋଗେ ଅଣାଯାଇ କେନାଲ ଜଳ ସ୍ତରକୁ ବଢ଼ାଯାଇଥାଏ। ଆମେରିକାର ୪୦% କାର୍ଗୋ ପାନମା ଦେଇ ସରବରାହ କରାଯାଇଥାଏ। ଜଳବାୟୁ ପରିବର୍ତ୍ତନ, ଅନାବୃଷ୍ଟି କାରଣରୁ ପାନମାକୁ ଜଳ ଯୋଗାଉଥିବା ପ୍ରାୟ ୫୦୦ ନଦୀ ଓ ହ୍ରଦ ଯଦି ଶୁଷ୍କ ହୋଇଯାଆନ୍ତି ତେବେ ପାନମା କେନାଲ ଦେଇ କାର୍ଗୋସିପ୍ ଚଳାଚଳ ବନ୍ଦ ହୋଇଯିବା ଆଶଙ୍କା କରାଯାଉଛି। ଯଦି ସେପରି ସଙ୍କଟ ଆସେ ତେବେ ଆମେରିକାର ପଶ୍ଚିମ ଉପକୂଳ ସହ ୟୁରୋପକୁ ଜଳପଥରେ ଯାତ୍ରା କି ମାଲ ପ୍ରେରଣ ଆପାତତଃ ଅସମ୍ଭବ ହୋଇପଡ଼ିବ। କାରଣ ସେଥିପାଇଁ ଜାହାଜକୁ ଅଧିକ ୧୩ ହଜାର କିଲୋମିଟର ସମୁଦ୍ରଯାତ୍ରା କରିବାକୁ ପଡ଼ିବ ଓ ସେଥିପାଇଁ ଜାହାଜର ଆକାର ଓ ପ୍ରକାର ଅନୁଯାୟୀ ୧ମାସରୁ ୩ମାସ ଯାଏ ଅଧିକ ସମୟ ଲାଗିବ। ୟୁରୋପରୁ ମାଲ ପାନମା ଦେଇ ସହଜରେ ଯେପରି ଚୀନ, ଜାପାନ ଓ କୋରିଆ ପହଞ୍ଚିପାରୁଛି ତାହା ସମ୍ଭବ ହେବନାହିଁ।

## ବେଲୁଚ୍ ବିଦ୍ରୋହୀଙ୍କ ନିଶାଣରେ 'ସି-ପେକ୍' ପ୍ରକଳ୍ପ

# ପ୍ରାଣ ହରାଇଲେଣି ସର୍ବାଧିକ ଚାଇନା ଅଧିକାରୀ

ଚୀନ୍ ଏବଂ ପାକିସ୍ତାନର ମିଳିତ ସହଯୋଗରେ ପ୍ରତିଷ୍ଠା କରାଯାଉଥିବା ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର(ସିପେକ୍) ପ୍ରକଳ୍ପ ଏବେ ବେଲୁଚିସ୍ତାନ ବିଦ୍ରୋହୀଙ୍କ ନିଶାଣରେ ରହିଛି। ଚୀନ୍‌ର ବହୁ ଚର୍ଚ୍ଚିତ 'ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍(ବିଆରଆଇ)' ପ୍ରକଳ୍ପର ଏକ ଅଂଶ ସ୍ୱରୂପ ସିପେକ୍ ପ୍ରକଳ୍ପ ପଶ୍ଚିମ ଚାଇନା ସହର କାସଗର୍ ଠାରୁ ଆରମ୍ଭ ହୋଇ ପ୍ରାୟ ୩ ହଜାର କିମି ଦେଇ ପାକିସ୍ତାନର ଆରବ ସାଗରସ୍ଥିତ ଗ୍ୱାଦର ବନ୍ଦରରେ ଶେଷ ହୋଇଛି। ୟୁରୋପ ଏବଂ ମଧ୍ୟପ୍ରାଚ୍ୟ ରାଷ୍ଟ୍ରମାନଙ୍କୁ ଚୀନ୍ ଏହାର ସାମଗ୍ରୀ ରପ୍ତାନିକୁ ସହଜ କରିବା ଲାଗି ଏହି ପ୍ରକଳ୍ପ କାର୍ଯ୍ୟକାରୀ କରୁଛି। ସାଂପ୍ରତିକ ସ୍ଥିତିରେ ମାଲେସିଆ,ଇଣ୍ଡୋନେସିଆ ଆଦି ଦେଇ ମାଲ୍‌ଟା ଉପକୂଳ ଦେଇ ଚୀନ୍ ଜାହାଜ ୟୁରୋପକୁ ଯିବାକୁ ପଡୁଥିବା ବେଳେ ସିପେକ୍ ପ୍ରକଳ୍ପ ମାଧ୍ୟମରେ ସାମଗ୍ରୀ ରପ୍ତାନି କରିବାକୁ ଚୀନ୍ ମସୁଧା କରିଛି। ଏହି ପ୍ରକଳ୍ପ ପାକିସ୍ତାନର ଖାଇବର ପଖତୁନଖ୍ୱା, ଗିଲଗିଟ୍ ବାଲ୍ଟିସ୍ତାନ, ପଞ୍ଜାବ ଏବଂ ବେଲୁଚିସ୍ତାନ ଦେଇ ଯାଉଥିବା ବେଳେ ଏହି ପ୍ରକଳ୍ପ ପାଇଁ ଚୀନ୍ ୬୫ ବିଲିୟନ ଡଲାର ବିନିଯୋଗ କରିଛି। କିନ୍ତୁ ଚୀନ୍ ପାଇଁ ଏବେ କାଳ ହୋଇଛି ବେଲୁଚିସ୍ତାନ। ପାକିସ୍ତାନର ଦକ୍ଷିଣ ପଶ୍ଚିମ ଏବଂ ସବୁଠାରୁ ବଡ଼ ପ୍ରଦେଶ ଭାବେ ବେଲୁଚିସ୍ତାନ ଦେଇ ସିପେକ୍ ପ୍ରକଳ୍ପର ଅଧିକାଂଶ ଭାଗ ରହିଥିବା ବେଳେ ଏହାକୁ ଜୋରଦାର ବିରୋଧ କରୁଛନ୍ତି ସ୍ଥାନୀୟ ବେଲୁଚ ବାସିନ୍ଦା। ଇରାନ ଏବଂ ଆଫଗାନିସ୍ତାନ ସୀମାକୁ ଲାଗି ରହିଥିବା ପାକିସ୍ତାନର ଏହି ପ୍ରଦେଶ ଅନ୍ୟାନ୍ୟ ପ୍ରଦେଶ ତୁଳନାରେ ଆକାରରେ ସବୁଠୁ ବଡ଼ ହୋଇଥିବା ବେଳେ ଏଠାରେ ପ୍ରଚୁର ପରିମାଣରେ ଖଣିଜ ସମ୍ପଦ ଭରି ରହିଛି। ଚୀନ୍ ଭଳି ଏକ ସ୍ୱାର୍ଥାନ୍ୱେଷୀ ରାଷ୍ଟ୍ର ସିପେକ୍ ପ୍ରକଳ୍ପ ମାଧ୍ୟମରେ ବେଲୁଚିସ୍ତାନର ଖଣିଜ ସମ୍ପଦ ଲୁଟ୍ କରିବା ସହିତ ଏଠାକାର ପ୍ରାକୃତିକ ପରିବେଶ ମଧ୍ୟ ନଷ୍ଟ କରିଦେବ ବୋଲି ବେଲୁଚିସ୍ତାନ ଲିବରେସନ ଆର୍ମି(ବିଏଲଏ) ବର୍ଷ ବର୍ଷ ଧରି ଦାବି କରିଆସୁଛି। ଯାହାକୁ ନେଇ ଏହି ପ୍ରକଳ୍ପ ଆରମ୍ଭ ହେବା ଦିନ ଠାରୁ ବିଏଲଏ ପକ୍ଷରୁ ଚୀନ୍‌କୁ ନିଶାଣ କରାଯାଇଛି। ଚୀନ୍ ସିପେକ୍ ପ୍ରକଳ୍ପ ମାଧ୍ୟମରେ ଗ୍ୱାଦର ବନ୍ଦର ପ୍ରତିଷ୍ଠା କରିବା ସହିତ ଏହା ସହ ଜଡ଼ିତ ଭିତ୍ତିଭୂମି ମଧ୍ୟ ନିର୍ମାଣ କରିଚାଲିଛି। କିନ୍ତୁ ବେଳକୁ ବେଳ ଏହିସବୁ ପ୍ରକଳ୍ପ ବିଏଲଏ'ର ନିଶାଣ ହେବାରେ ଲାଗିଛି। କେବଳ ଚୀନ୍ ପ୍ରକଳ୍ପ ନୁହେଁ, ପାକିସ୍ତାନରେ ଯେଉଁସବୁ ସ୍ଥଳରେ ଚାଇନା ଅସ୍ତ୍ରଶସ୍ତ୍ର ବ୍ୟବହାର କରାଯାଉଛି ସେଗୁଡିକୁ ବିଏଲଏ ନିଶାଣ କରିବାରେ ଲାଗିଛି। ଗତ ମଙ୍ଗଳବାର( ମାର୍ଚ୍ଚ ୨୬)ରେ ପାକିସ୍ତାନର ଦ୍ୱିତୀୟ ବୃହତ ନୌସେନା ବିମାନ ଘାଟି ପିଏନଏସ୍ ସିଦ୍ଦିକି ଉପରେ ବେଲୁଚ ବିଦ୍ରୋହୀମାନେ ଘନ ଘନ ବିସ୍ଫୋରଣ କରିଛନ୍ତି। ଗ୍ୱାଦର ବନ୍ଦର ନିର୍ମାଣ କାର୍ଯ୍ୟ ଉପରେ ତୀକ୍ଷଣ ନଜର ରଖିବାକୁ ଏଠାରେ ଚାଇନା ନିର୍ମିତ ସିଏଚ୍-୪ବି ପାଇଲଟ୍ ବିହୀନ ବିମାନ ମୁତୟନ କରାଯାଇଛି। କିନ୍ତୁ ଏସବୁକୁ ନଷ୍ଟ କରିଦେବା ଉଦ୍ଦେଶ୍ୟରେ ବିଏଲଏ ଏହା ଉପରେ ଆକ୍ରମଣ କରିଛି। ଯାହାକି ପାକିସ୍ତାନ ସେନା ପାଇଁ ବଡ଼ ଧକ୍କା ହୋଇଛି। ଏହି ଆକ୍ରମଣ ଘଟଣା ପାଇଁ ବିଏଲଏ'ର ମାଜିଦ୍ ବ୍ରିଗେଡ୍ ନଜକୁ ଦାୟୀ କରିଥିଲା ବେଳେ ଏହି ଘଟଣାରେ ପାକିସ୍ତାନ ସେନା ଦ୍ୱାରା ୪ ବିଦ୍ରୋହୀଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। କେବଳ ଏହି ଘଟଣା ନୁହେଁ, ଏହାପୂର୍ବରୁ ମାର୍ଚ୍ଚ ୨୦ ତାରିଖରେ ଗ୍ୱାଦର ବନ୍ଦର କମ୍ପ୍ଲେକ୍ସରେ ସିରିଜ୍ ବିସ୍ଫୋରଣ କରାଯାଇଥିଲା ବେଳେ ଏହି ଘଟଣାରେ ୭ ଆକ୍ରମଣକାରୀଙ୍କୁ ପାକିସ୍ତାନ ସେନା ଉଡାଇ ଦେଇଥିଲା। କିନ୍ତୁ ଚାଇନା ପ୍ରକଳ୍ପ ଉପରେ ବେଲୁଚ ବିଦ୍ରୋହୀଙ୍କ ଆକ୍ରମଣ ଏବେକାର ଘଟଣା ନୁହେଁ। ସିପେକ୍ ପ୍ରକଳ୍ପ ମାଧ୍ୟମରେ ଚୀନ୍ ପାକିସ୍ତାନର ଅନ୍ୟ ଯେକୌଣସି ପ୍ରଦେଶ ତୁଳନାରେ ବେଲୁଚସ୍ତାନରେ ସର୍ବାଧିକ ପୁଞ୍ଜି ବିନିଯୋଗ କରିଥିଲା ବେଳେ ଏଠାରେ ହିଁ ଅଧିକ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇଛି। ବିଶେଷକରି ବିଏଲଏ ହିଁ ଚୀନ୍ ପାଇଁ କାଳ ହେବାକୁ ଯାଉଛି। ୨୦୧୭ ପର ଠାରୁ ଚୀନ୍ ବିରୋଧରେ ବେଲୁଚ ବିଦ୍ରୋହୀ ସଂଗ୍ରାମ ଆରମ୍ଭ କରିଥିଲା ବେଳେ ବର୍ତ୍ତମାନ ପରିସ୍ଥିତିରେ ଏହା ମହାସଂଗ୍ରାମରେ ପରିଣତ ହୋଇଛି। ଚୀନ୍ ପ୍ରକଳ୍ପକୁ ବିରୋଧ କରି ୨୦୧୭ ମାର୍ଚ୍ଚ ୨୦ରେ ବିଏଲଏ ବିଦ୍ରୋହୀ ପାକିସ୍ତାନର ଆଇଏସଆଇ ଏବଂ ଏହାର ମିଲିଟାରୀ ଇଣ୍ଟେଲିଜେନ୍ସି ମୁଖ୍ୟାଳୟ ଉପରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ୨୬ ପାକିସ୍ତାନୀ ସୁରକ୍ଷାକର୍ମୀଙ୍କ ମୃତ୍ୟୁ ହୋଇଥିଲା। ଏହାର ଠିକ୍ ଦୁଇ ମାସ ପରେ ବିଏଲଏ ପକ୍ଷରୁ ସିପେକ୍ ପ୍ରକଳ୍ପ ଉପରେ ଆକ୍ରମଣ କରାଯାଇଥିଲା ଯେଉଁଥିରେ ୧୦ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା। ୨୦୧୮ ରେ ବିଏଲଏ ପକ୍ଷରୁ କରାଚିସ୍ଥିତ ଚାଇନା ବାଣିଜ୍ୟିକ ଦୂତାବାସ ଉପରେ ଆକ୍ରମଣ କରାଯାଇଥିଲା ଯେଉଁଥିରେ ଦୁଇ ସୁରକ୍ଷାକର୍ମୀ ପ୍ରାଣ ହରାଇଥିଲେ। ଏହାପରେ ପରେ ୨୦୨୧ରେ ବିଏଲଏ ପକ୍ଷରୁ କ୍ୱେଟା ସହରସ୍ଥିତ ଏକ ହୋଟେଲ ଉପରେ ବିସ୍ଫୋରଣ କରାଯାଇଥିଲା। ଏହି ହୋଟେଲରେ ବହୁ ସଂଖ୍ୟକ ଚାଇନା କୂଟନୀତିଜ୍ଞ ରହୁଥିଲା ବେଳେ ସେମାନଙ୍କୁ ନିଶାଣ କରାଯାଇ ଏହି ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ମଧ୍ୟ ୫ ସୁରକ୍ଷା କର୍ମୀ ନିହତ ହୋଇଥିଲେ। ସେହି ବର୍ଷ ସିପେକ୍ ପ୍ରକଳ୍ପ ପରିଦର୍ଶନରେ ଯାଉଥିବା କିଛି ଚାଇନା ଇଞ୍ଜିନିୟରମାନଙ୍କୁ ମଧ୍ୟ ବିଏଲଏ ନିଶାଣ କରିଥିଲା। ଏକ ବସ୍‌ରେ ସେମାନେ ଯାଉଥିଲା ବେଳେ ବିସ୍ଫୋରଣ କରାଯାଇ ୯ ଚାଇନା ଅଧିକାରୀଙ୍କୁ ମାରିଦିଆଯାଇଥିଲା। ଏହାପରେ ୨୦୨୨ରେ ପାକିସ୍ତାନସ୍ଥିତ କନଫୁସିୟସ୍ ଇନଷ୍ଟିଚ୍ୟୁଟ୍ ଉପରେ ବିଏଲଏ ନିଶାଣ କରିଥିଲା। ଏହି ପ୍ରତିଷ୍ଠାନରେ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିବା କିଛି ଚାଇନା ନାଗରିକଙ୍କୁ ବିସ୍ଫୋରଣ କରି ଉଡାଇ ଦିଆଯାଇଥିଲା। ଏହାପରେ ଗତ ବର୍ଷ ଅଗଷ୍ଟରେ ମଧ୍ୟ ଚୀନ୍‌ର ଏକ ଇଞ୍ଜିନିୟର ପ୍ରତିନିଧି ଦଳ ଉପରେ ଆକ୍ରମଣ କରାଯାଇଥିଲା ; ଯେଉଁ ଘଟଣାରେ ଅନ୍ୟୂନ ୭ ଜଣଙ୍କ ମୃତ୍ୟୁ ହୋଇଥିଲା। ଏଭଳି ଘଟଣାକୁ ନେଇ ଚୀନ୍ ଏବେ ହରଡ଼ଘଣାରେ ପଡ଼ିଛି। ଚାଇନା ଅଧିକାରୀଙ୍କୁ ସୁରକ୍ଷା ଦେବା ଲାଗି ପାକିସ୍ତାନ ସେନା ଯେତେ ସତର୍କ ହେଲେ ମଧ୍ୟ ବେଲୁଚ ବିଦ୍ରୋହୀଙ୍କ ନିଶାଣରୁ ଖସିବା ସମ୍ଭବ ହେଉ ନାହିଁ।







# ହିଟଲରଙ୍କ ସମ୍ପର୍କରେ ଜଣାଅଜଣା ତଥ୍ୟ

ଜର୍ମାନ୍ ଏକଛତ୍ରବାଦୀ ଶାସକ (ଡିକ୍ଟେଟର) ଆଡଲଫ୍ ହିଟଲର କଳାର ଛାତ୍ର ଥିଲେ। ପାଠରେ ସେ ଏତେ ଦୁର୍ବଳ ଥିଲେ ଯେ ତାଙ୍କୁ କଲେଜ ପ୍ରବେଶିକା ପରୀକ୍ଷା(ଏଣ୍ଟ୍ରାନ୍ସ ଏକଜାମ)ଦେବାକୁ ଅନୁମତି ମିଳିନଥିଲା। କଲେଜରୁ ତଡ଼ାଯିବା ପରେ ହିଟଲର ୧୯୦୯ରେ ଭିଏନାରେ ବାସହୀନଙ୍କ ପାଇଁ ଉଦ୍ଦିଷ୍ଟ ଏକ ଆଶ୍ରୟସଦନରେ ରହୁଥିଲେ। ବିଶ୍ୱଯୁଦ୍ଧ -୧ରେ ଜର୍ମାନୀର ଜଣେ ସୈନିକ ଭାବେ ଯୋଗଦେଇ ସେ ମଷ୍ଟର୍ଡ ଗ୍ୟାସ ଆକ୍ରମଣରେ ଆହତ ହୋଇଥିଲେ ଓ ତାଙ୍କଠାରେ ଅନ୍ଧତ୍ୱର ଲକ୍ଷଣ ଦେଖାଯାଇଥିଲା। ନାଜି ପାର୍ଟିର ଜଣେ ସଦସ୍ୟ ତାଙ୍କୁ କୁକୁରଟିଏ ଉପହାର ଦେଇଥିଲେ। କୁକୁର ବ୍ଲଣ୍ଡି ତାଙ୍କର ଏତେ ପ୍ରିୟ ଥିଲା ଯେ ଜୀବନର ଅନ୍ତିମ ବେଳାରେ ହିଟଲର ଯେତେବେଳେ ବଙ୍କରରେ ଲୁଚିଥିଲେ ସେତେବେଳେ ବି ବ୍ଲଣ୍ଡି ତାଙ୍କ ସହ ଥିଲା। ହିଟଲର ଆତ୍ମହତ୍ୟା କରିବା ପୂର୍ବରୁ ବ୍ଲଣ୍ଡିକୁ ମଧ୍ୟ (ହିଟଲରଙ୍କ ଆଦେଶରେ) ସିୟାନାଇଡ୍ ଦିଆଯାଇ ମାରିଦିଆଯାଇଥିଲା। ନୋବେଲ ଶାନ୍ତି ପୁରସ୍କାର ପାଇଁ ହିଟଲରଙ୍କୁ ମନୋନୀତ(ନୋମିନେଟ୍) କରାଯାଇଥିଲା। ହିଟଲର ମାଂସ ଭକ୍ଷଣ, ମଦ୍ୟପାନ ଓ ଧୂମ୍ରପାନ କରୁନଥିଲେ କିନ୍ତୁ କୋକେନ ଓ ଅଫିମ ଭଳି ଡ୍ରଗ ସେବନ କରୁଥିଲେ। ହିଟଲର ଅଷ୍ଟ୍ରିଆରେ ଜନ୍ମ ହୋଇଥିଲେ ବି ଖୁବ୍ କମ୍ ବୟସରୁ ଜଣେ ଜର୍ମାନ୍ ଜାତୀୟତାବାଦୀ ଭାବେ ନିଜ ପରିଚୟ ଗଢ଼ିଥିଲେ। ହିଟଲର ଜଣେ ଚିତ୍ରକର ଥିଲେ ଓ ସେ ଆଙ୍କିଥିବା ମନୁଷ୍ୟ ଚିତ୍ରଗୁଡ଼ିକରେ ଜୀବନ ନଥିବା ଭଳି ପ୍ରତୀୟମାନ ହେଉଥିଲା। ହିଟଲରଙ୍କ ଆଦେଶରେ ନିୟୁତ ନିୟୁତ ନିରୀହ ଲୋକଙ୍କ ଜୀବନ ଦୀପ ଲିଭାଇ ଦିଆଯାଇଥିଲା। ହିଟଲର ଖ୍ରୀଷ୍ଟୀୟାନ୍ ଧର୍ମକୁ ଆଦୌ ଭଲପାଉନଥିଲେ। ଖ୍ରୀଷ୍ଟୀୟାନ୍ ଧର୍ମକୁ ସେ କ୍ରୀତଦାସମାନଙ୍କ ଧର୍ମ ବୋଲି କହୁଥିଲେ। ଶେଷ ଜୀବନରେ ତାଙ୍କଠାରେ ପାର୍କିନସନ୍ ବ୍ୟାଧିର ଲକ୍ଷଣ ମିଳିଥିଲା, ସମୟେ ସମୟେ ତାଙ୍କ ସାରା ଶରୀର ଥରୁଥିଲା। ତାଙ୍କ ଓଜନ ମାତ୍ର ୧୫୫ ପାଉଣ୍ଡ ଥିଲା। ୧୯୩୮ ରେ ଟାଇମ୍ ମ୍ୟାଗାଜିନ୍ ହିଟଲରଙ୍କୁ ପର୍ସନ୍ ଅଫ୍ ଦି ଇୟର ବାଛିଥିଲା। କ୍ଷମତାକୁ ଆସିବା ପରେ ହିଟଲର ନିଜକୁ ଟ୍ୟାକ୍ସ ଫ୍ରି କରିଥିଲେ, ନିଜ ପୁସ୍ତକଗୁଡ଼ିକର ବିକ୍ରି ଲବ୍ଧ ରୟାଲିଟି ଓ ଦରମା ବାବଦକୁ ପ୍ରଚୁର ଉପାର୍ଜନ କରୁଥିଲେ ବି କୌଣସି କର କି ଆୟ ବିବରଣୀ ଦେଉନଥିଲେ।

## ୧.୬ କୋଟି ବର୍ଷ ପୂର୍ବେ ଯାଇଥିଲା ୧୬ ହଜାର କିମି

# ପେରୁରୁ ମିଳିଲା ଗଙ୍ଗା ଡଲ୍‌ଫିନ୍‌ର ଭଉଣୀ



ପେରୁରୁ ଏକ ବିଶାଳ ଡଲ୍‌ଫିନ୍ ମୁଣ୍ଡର ଜୀବାଶ୍ମ ଉଦ୍ଧାର କରାଯାଇଛି। ଏହି ପ୍ରଜାତି ୧.୬ କୋଟି ବର୍ଷ ତଳର ବୋଲି ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି। ଏହି ଡଲ୍‌ଫିନ୍ ପେରୁର ଅମେଜୋନିୟନ ନଦୀରେ ଶରଣ ନେଇଥିଲା। ଏହି ବିଲୁପ୍ତ ହୋଇଯାଇଥିବା ପ୍ରଜାତିର ଲମ୍ବ ୩.୫ ମିଟର ଥିଲା। ଏହାକୁ ସବୁଠାରୁ ବଡ଼ ନଦୀ ଡଲ୍‌ଫିନ ଭାବେ ଧରାଯାଉଛି। 'ସାଇନ୍ସ ଆଡଭାନ୍ସେସ'ରେ ଏ ସମ୍ବନ୍ଧିତ ଗବେଷଣା ପ୍ରକାଶ ପାଇଛି। ଏହାର ମୁଖ୍ୟ ଲେଖକ ଏଲଡୋ ବେନିଟ୍ସ-ପାଲୋମିନୋଙ୍କ ଅନୁଯାୟୀ ଏହି ନୂଆ ପ୍ରଜାତିର ନାମ 'ପେବନିଷ୍ଟା ୟାକୁରୁନା' ରହିଛି। ଏହା ସାରା ବିଶ୍ୱରେ ନଦୀ ଡଲ୍‌ଫିନ ପ୍ରତି ବୃଦ୍ଧି ପାଉଥିବା ବିପଦକୁ ଦର୍ଶାଉଛି। ଆଗାମୀ ୨୦ରୁ ୪୦ ବର୍ଷରେ ଏଭଳି ଭାବେ ଡଲ୍‌ଫିନ ବିଲୁପ୍ତ ହୋଇଯିବେ ବୋଲି କୁହାଯାଉଛି।

ଗବେଷକଙ୍କ ଅନୁଯାୟୀ 'ପେବନିଷ୍ଟା ୟାକୁରୁନା' ସମ୍ପର୍କୀୟ ୧୬,୯୦୦ କିମି ଦୂର ଦକ୍ଷିଣ-ପୂର୍ବ ଏସିଆରେ ଦେଖାଯାଉଛନ୍ତି। ଗଙ୍ଗା ନଦୀରେ ଦେଖାଯାଉଥିବା ଡଲଫିନ୍ ସହ ଏହାର ସମ୍ବନ୍ଧ ରହିଛି। ଉକ୍ତ ଡଲ୍‌ଫିନକୁ ଗଙ୍ଗା ଏବଂ ସିନ୍ଧୁ ନଦୀରେ ଦେଖାଯାଉଥିବା ଡଲ୍‌ଫିନର ଭଉଣୀ ବୋଲି କୁହାଯାଉଛି। ଏବେ ଏହି ଡଲ୍‌ଫିନ ବିଲୁପ୍ତ ହେବାକୁ ବସିଛନ୍ତି। ୧.୬ କୋଟି ବର୍ଷ ତଳେ ୧୬ ହଜାର କିମି ପଥ ଅତିକ୍ରମ କରି ଏହି ଡଲ୍‌ଫିନ ପେରୁରେ ପହଞ୍ଚି ଥିଲା ବୋଲି ଅନୁମାନ କରାଯାଉଛି। କାରଣ ପେରୁ ନିକଟରେ ଦେଖାଯାଉଥିବା କୌଣସି ଡଲଫିନର ସମ୍ବନ୍ଧ 'ପେବନିଷ୍ଟା ୟାକୁରୁନା' ସହ ନାହିଁ।

# ତିବତରେ ଭାଷାଗତ ଆତଙ୍କବାଦ ଚଳାଇଛି ଚୀନ୍

## ଶିକ୍ଷାକୁ ଅସ୍ତ୍ର ଭାବେ ବ୍ୟବହାର କରୁଛି ଚୀନ୍



ବିସ୍ତାରବାଦୀ ଚୀନ୍ ଗୋଟିଏ ପରେ ଗୋଟିଏ ଦେଶର ଜମି ହଡ଼ପ କରିବାରେ ଲାଗିଛି। ଏହି ଦେଶର ଲୋଲୁପ ଦୃଷ୍ଟି ସବୁବେଳେ ପଡୋଶୀ ରାଷ୍ଟ୍ରର ଜମି ଉପରେ ରହିଛି। ତିବତକୁ କବ୍ଜା କରି ରଖିଥିବା ବେଜିଂ ଏବେ ସେଠାରେ ଭାଷାଗତ ଆତଙ୍କବାଦ ଚଳାଇଛି। ଏଥିପାଇଁ ଚୀନ୍ ତିବତ ଶିଶୁଙ୍କୁ ଅସ୍ତ୍ର କରିଛି। ୪ ବର୍ଷର ଊର୍ଦ୍ଧ୍ୱ ଶିଶୁଙ୍କୁ ତିବତୀ ଭାଷା ବଦଳରେ ମାଣ୍ଡାରିନ ଶିକ୍ଷାଉଛି। ଏହି ଲକ୍ଷ୍ୟ ହାସଲ ପାଇଁ ତିବତରେ ବୋର୍ଡିଂ ସ୍କୁଲ୍ ଖୋଲିବାରେ ଲାଗିଛି। ଏହି ସବୁ ସ୍କୁଲ୍‌ରେ ମାଣ୍ଡାରିନ ଭାଷା ବାଧ୍ୟତାମୂଳକ କରିଦିଆଯାଇଛି। ତିବତ ଶିଶୁଙ୍କ ଭବିଷ୍ୟତ ସୁଧାରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି ବୋଲି ଚୀନ୍ ପକ୍ଷରୁ କୁହାଯାଇଛି। ଦେଶର ମୁଖ୍ୟ ଭାଷା ମାଣ୍ଡାରିନ ହୋଇଥିବାରୁ ପିଲାଙ୍କୁ ଏହା ଶିକ୍ଷା ଦିଆଯାଉଛି। ମାତ୍ର ତିବତ ଲୋକ ଏହାକୁ ବିରୋଧ କରୁଛନ୍ତି। ତିବତର ପରିଚୟ ନଷ୍ଟ କରିବାକୁ ଏହି ଷଡ଼ଯନ୍ତ୍ର କରାଯାଉଛି। କମ୍ ବୟସର ଶିଶୁଙ୍କୁ ନିଶାଣ କରି ସମାଜରେ ଅରାଜକତା ସୃଷ୍ଟି କରିବାକୁ ପ୍ରୟାସ କରାଯାଉଛି। ବୋର୍ଡିଂ ସ୍କୁଲ୍ ମାଧ୍ୟମରେ ଚୀନ୍ ଏଭଳି ପିଲା ସୃଷ୍ଟି କରିବାକୁ ଚାହୁଁଛି, ଯେଉଁମାନେ ଭବିଷ୍ୟତରେ ନିଜ ଭାଷା ଏବଂ ସଂସ୍କୃତିକୁ ପସନ୍ଦ କରୁ ନ ଥିବେ।

ବିଶେଷଜ୍ଞଙ୍କ ଅନୁଯାୟୀ ଚୀନ୍ ତିବତୀୟଙ୍କ ସାମାଜିକ କ୍ଷମତାକୁ ହ୍ରାସ କରିବା ପାଇଁ ଶିକ୍ଷାକୁ ଅସ୍ତ୍ର ଭାବେ ବ୍ୟବହାର କରୁଛି। କେହି ଏହାକୁ ବିରୋଧ କରିପାରିବେ ନାହିଁ। ବିଦେଶୀ ମାନବାଧିକାର ସଂଗଠନଗୁଡ଼ିକ ଦଶନ୍ଧି ହେଲା ତିବତରେ ଚୀନ୍ ଚଳାଇଥିବା ଅମାନବୀୟ କାର୍ଯ୍ୟକଳାପକୁ ପ୍ରଘଟ କରୁଥିଲା। କିନ୍ତୁ କିଛି ବର୍ଷ ହେଲା ଏପରି ଆଉ ହେଉନାହିଁ। ଚୀନ୍‌ର ଉତ୍ତର-ପଶ୍ଚିମ କ୍ଷେତ୍ରର ଶିନ୍‌ଜିଆଙ୍ଗ ପ୍ରଦେଶରେ ଉଇଘର ମୁସଲମାନଙ୍କ ପ୍ରତି ଅତ୍ୟାଚାର କରାଯାଉଛି। ସରକାର ତାଙ୍କ ପରିଚୟ ନଷ୍ଟ କରିବାରେ ଲାଗିଛନ୍ତି। ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବଦଳାଇ ଦିଆଯାଇଛି। କୋରାନକୁ ମଧ୍ୟ ଚୀନ୍ ନିଜ ଅନୁସାରେ ପରିବର୍ତ୍ତନ କରିଛି। ଏବେ ଏହି ଘଟଣା ଏବଂ ହଂକଂରେ ଗଣତନ୍ତ୍ର ସମର୍ଥକ ବିରୋଧୀ ଆନ୍ଦୋଳନ ପ୍ରତି ବିଶ୍ୱର ଧ୍ୟାନ କେନ୍ଦ୍ରିତ ହୋଇଛି। ଏହା ସତ୍ତ୍ୱେ ଚୀନ୍ ଅଧିକାରୀମାନେ ତିବତରେ ଅତ୍ୟାଚାର ଜାରି ରଖିଛନ୍ତି। ଗତ କିଛି ବର୍ଷ ହେଲା ଚୀନ୍ ସରକାର ଗାଁରେ ଥିବା ସ୍କୁଲ୍ ଏବଂ ତିବତ ଭାଷା ପଢ଼ାଉଥିବା ଘରୋଇ ସ୍କୁଲ୍‌କୁ ବନ୍ଦ କରିଦେଇଛନ୍ତି। ଏହା ବଦଳରେ ବୋର୍ଡିଂ ସ୍କୁଲ୍‌ର ପ୍ରଚାରପ୍ରସାର କରାଯାଉଛି। ଏବେ ୮୦ ପ୍ରତିଶତ ତିବତ ଶିଶୁ ଅର୍ଥାତ୍ ପ୍ରାୟ ୧୦ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଏହି ବୋର୍ଡିଂ ସ୍କୁଲ୍‌ରେ ପଢ଼ାଯାଉଥିବା ଆକଳନ କରାଯାଇଛି।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୭୫ ● ପାଉଣ୍ଡ ୧୦୫.୫୨
- ୟୁରୋ ୯୦.୧୧ ● ୟେନ୍ ୦.୫୫

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୧,୫୦୦ (ନୂଆଦିଲ୍ଲୀ)
- ରୁପା : ୭୭,୨୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୭୨,୯୯୬.୦୦
- ନିଫ୍ଟି ୨୨,୧୨୩.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



### ହୁରୁନ୍ ଧନୀ ତାଲିକା ୨୦୨୪

# ମୁମ୍ବାଇ ବିଶ୍ୱର ତୃତୀୟ ସର୍ବାଧିକ ଅରବପତିଙ୍କ ସହର

ମୁମ୍ବଇ,୨୭।୩(ଏଜେନ୍ସି)

ଦୀର୍ଘ ୭ ବର୍ଷ ପରେ ମୁମ୍ବାଇ ପୁଣି ଥରେ ବିଶ୍ୱର ଅତି ଧନୀଙ୍କ ବାସସ୍ଥଳୀ ଭାବେ ଉଭା ହୋଇଛି। ଭାରତର ଏହି ବାଣିଜ୍ୟିକ ସହରରେ ୯୨ ଜଣ ଅରବପତି ବାସ କରୁଛନ୍ତି। ଅରବପତିଙ୍କ ସଂଖ୍ୟା ଦୃଷ୍ଟିରୁ ମୁମ୍ବଇ ବିଶ୍ୱର ସହରଗୁଡିକ ମଧ୍ୟରେ ତୃତୀୟ ସ୍ଥାନରେ ରହିଛି। ଏହାଫଳରେ ମୁମ୍ବଇ ବିଶ୍ୱର ତୃତୀୟ ସର୍ବାଧିକ ଅରବପତିଙ୍କ ବାସସ୍ଥଳୀର ମାନ୍ୟତା ଲାଭ କରିଛି। ଏ କ୍ଷେତ୍ରରେ ଚୀନ୍ ରାଜଧାନୀ ବେଜିଂକୁ ଅତିକ୍ରମ କରି ମୁମ୍ବାଇ ପ୍ରଥମ ଥର ପାଇଁ ଏସିଆର ଅରବପତିଙ୍କ ରାଜଧାନୀ ପାଲଟିଥିବା ହୁରୁନ୍ ରିସର୍ଚ୍ଚର ୨୦୨୪ ଗ୍ଲୋବାଲ୍ ଧନୀ ତାଲିକାରେ କୁହାଯାଇଛି।

- ବାଣିଜ୍ୟିକ ରାଜଧାନୀରେ ବାସ କରନ୍ତି ୯୨ ଅରବପତି
- ଅରବପତିଙ୍କ ସଂଖ୍ୟାରେ ବେଜିଂକୁ ପଛରେ ପକାଇଲା
- ୯ମ ସ୍ଥାନରେ ନୂଆଦିଲ୍ଲୀ



ଅରବପତିଙ୍କ ମାମଲାରେ ଆମେରିକାରେ ନ୍ୟୁୟର୍କ ପରେ ମୁମ୍ବାଇ ଏବେ ବିଶ୍ୱର ତୃତୀୟ ସ୍ଥାନରେ ରହିଛି। ନ୍ୟୁୟର୍କ ସହରରେ ୧୧୯ ଜଣ ଅରବପତି ବାସ କରନ୍ତି। ସେହିପରି ୯୭ ଅରବପତିଙ୍କ ସହର ଲଣ୍ଡନ ଏ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ମୁମ୍ବାଇ ବେଜିଂକୁ ଟପି ବିଶ୍ୱର ତୃତୀୟ ସହରରେ ପରିଣତ ହୋଇଛି। ହୁରୁନ୍ ଧନୀ ତାଲିକା ୨୦୨୪ରେ ମୁମ୍ବଇ ୨୬ନୂଆ ଅରବପତିଙ୍କୁ ଯୋଡିବା ଫଳରେ ଚୀନ୍‌ର ବେଜିଂ ପଛରେ ପଡିଯାଇଛି। ଅପରପକ୍ଷେ ବେଜିଂ ମାତ୍ର ଗୋଟିଏ ବର୍ଷରେ ୧୮ ଜଣ ଅରବପତି ହରାଇଛି। ଅର୍ଥାତ ଏହି ୧୮ ଜଣ କୁବେର ଅରବପତିଙ୍କ ସୂଚୀରୁ ବାଦ୍ ପଡିଛନ୍ତି। ଏବେ ବେଜିଂରେ ମାତ୍ର ୯୧ ଜଣ ଅରବପତି ବାସ କରୁଛନ୍ତି। ଏଣୁ ଏହି ସହର ବିଶ୍ୱର ଚତୁର୍ଥ ଏବଂ ଏସିଆର ଦ୍ୱିତୀୟ ବୃହତ୍ ଅରବପତି ରହୁଥିବା ସହରରେ ପରିଣତ ହୋଇଛି। ସେହିପରି ସଂଘାଇ ୮୭ ଜଣ ଅରବପତିଙ୍କ ସହ ସୂଚୀର ୫ମ ସ୍ଥାନରେ ରହିଛି।

ନୂଆ ୨୬ ଜଣ ଅରବପତି ଯୋଡିହେବା ପରେ ମୁମ୍ବାଇରେ ବସବାସ କରୁଥିବା ଅରବପତିମାନଙ୍କ ମୋଟ ସମ୍ପତ୍ତି ପରିମାଣ ଏବେ ୪୪୫ ବିଲିୟନ ଡଲାରରେ ପହଞ୍ଚିଛି। ଗତବର୍ଷ ତୁଳନାରେ ଏହା ୪୭ ପ୍ରତିଶତ ଅଧିକ। ଏହି ସମୟରେ ବେଜିଂର ଅରବପତିମାନଙ୍କ ମୋଟ ସମ୍ପତ୍ତି ପରିମାଣ ୨୬୫ ବିଲିୟନ ଡଲାର ମଧ୍ୟରେ ରହିଛି। ତେବେ ଗତବର୍ଷ ତୁଳନାରେ ଏହା ୨୮ ପ୍ରତିଶତ କମ୍। ରିଅଲ ଇଷ୍ଟେଟ୍ ପ୍ଲେୟର ମଙ୍ଗଳ ପ୍ରଭାତ ଲୋଧା ଆଣ୍ଡ ଫ୍ୟାମିଲି ପ୍ରତିଶତ (୧୧୬%) ଦୃଷ୍ଟିରୁ ମୁମ୍ବାଇର ସବୁଠୁ ବଡ ସମ୍ପତ୍ତି ହାସଲ କରିଛନ୍ତି। ଏଥିରେ ଯଦି ବିଶ୍ୱର ଧନିକଙ୍କ ସୂଚୀ ଉଲ୍ଲେଖ କରାଯାଏ ତେବେ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତିରେ ବେଶ୍ ଅଭିବୃଦ୍ଧି ଘଟିଛି। ଏଣୁ ବିଶ୍ୱ ଧନୀକଙ୍କ ସୂଚୀରେ ସେ ନିଜକୁ ୧୦ମ ସ୍ଥାନରେ ରଖିବାକୁ ସମର୍ଥ ହୋଇଛନ୍ତି। ଏହାର ଶ୍ରେୟ ମୁଖ୍ୟ ରୂପେ ତାଙ୍କ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌କୁ ଦିଆଯାଇପାରେ। ସେହିପରି ଆଦାନୀ ଗ୍ରୁପ ମୁଖ୍ୟ ଗୌତମ ଆଦାନୀଙ୍କ ସମ୍ପତ୍ତିରେ ଉଲ୍ଲେଖନୀୟ ବୃଦ୍ଧି ତାଙ୍କୁ ବିଶ୍ୱର ଧନୀକଙ୍କ ସୂଚୀର ୧୫ତମ ସ୍ଥାନକୁ ପହଞ୍ଚାଇଛି। ଏଚ୍‌ସିଏଲ୍ ମୁଖ୍ୟ ଶିବ ନାଦର ଓ ତାଙ୍କ ପରିବାର ସମ୍ପତ୍ତି ଓ ବୈଶ୍ୱିକ ର୍‍ୟାଙ୍କିଙ୍ଗ ଉଭୟରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛନ୍ତି। ନାଦର ପରିବାର ୧୬ ସ୍ଥାନ ଉନ୍ନୀତ ହୋଇ ୩୪ତମ ସ୍ଥାନକୁ ପହଞ୍ଚିଛି। ତେବେ ସେରମ୍ ଇନିଷ୍ଟିଚ୍ୟୁଟର ସାଇରସ ଏସ୍. ପୁନାୱାଲାଙ୍କ ମୋଟ ସମ୍ପତ୍ତିରେ ସାମାନ୍ୟ ହ୍ରାସ ସହ ୮୨ ବିଲିୟନ ଡଲାର ରହିଛି। ଫଳରେ ବିଶ୍ୱ ଧନିକଙ୍କ ସୂଚୀରେ ସେ ୫୫ତମ ସ୍ଥାନକୁ ଖସିଆସିଛନ୍ତି।

**ବିଶ୍ୱର ସର୍ବାଧିକ ଅରବପତି ରହୁଥିବା ସହର**

| ସହର | ଅରବପତିଙ୍କ ସଂଖ୍ୟା |
| --- | --- |
| ନ୍ୟୁୟର୍କ | ୧୧୯ |
| ଲଣ୍ଡନ୍ | ୯୭ |
| ମୁମ୍ବଇ | ୯୨ |
| ବେଜିଂ | ୯୧ |
| ସାଂଘାଇ | ୮୭ |
| ଶେନ୍‌ଜେନ୍ | ୮୪ |
| ହଂକଂ | ୬୫ |
| ମସ୍କୋ | ୫୯ |
| ନୂଆଦିଲ୍ଲୀ | ୫୭ |
| ସାନ୍ ଫ୍ରାନ୍‌ସିସ୍କୋ | ୫୨ |

ତେବେ ମୁମ୍ବାଇକୁ ପୁଣି ଥରେ ଏସିଆର ୧ ନମ୍ବର ଓ ବିଶ୍ୱରେ ୩ ନମ୍ବର ସ୍ଥାନ ଦେବାରେ ସନ ଫାର୍ମାସ୍ୟୁଟିକଲସ୍‌ର ଦିଲୀପ ସାଂଘଭୀ ଓ କୁମାର ମଙ୍ଗଳମ୍ ବିର୍ଲାଙ୍କ ଯୋଗଦାନ ରହିଛି। ଡିମାର୍ଟର ସଫଳତା ଯୋଗୁ ରାଧାକିଷନ୍ ଦମାନୀଙ୍କ ସମ୍ପତ୍ତିରେ ସ୍ଥିର ଅଭିବୃଦ୍ଧି ତାଙ୍କୁ ବିଶ୍ୱ ଧନିକଙ୍କ ସୂଚୀର ୧୦୦ତମ ସ୍ଥାନରେ ପହଞ୍ଚାଇଛି। ଏହିସବୁ ଅରବପତିମାନଙ୍କ କାରଣରୁ ମୁମ୍ବାଇ ଆଜି ଅରବପତିଙ୍କ ସହର ମାମଲାରେ ଚୀନକୁ ବି ପଛରେ ପକାଇଦେଇଛି।

● ରିଜର୍ଭ ବ୍ୟାଙ୍କର ସୂଚନା

## ଚଳନ୍ତି ଖାତା ନିଅଣ୍ଟରେ ହ୍ରାସ

### ତୃତୀୟ ତ୍ରୈମାସିକରେ ଜିଡିପିର ୧.୨%କୁ ଖସିଲା

ନୂଆଦିଲ୍ଲୀ,୨୭।୩(ଏଜେନ୍ସି): ଦେଶର ଚଳନ୍ତି ଖାତା ନିଅଣ୍ଟ (ସିଏଡି)ରେ ହ୍ରାସ ଘଟିଛି। ଚଳିତ ଆର୍ଥିକବର୍ଷର ତୃତୀୟ ତ୍ରୈମାସିକରେ(ଅକ୍ଟୋବର-ଡିସେମ୍ବର)ରେ ଏଥିରେ ହ୍ରାସ ଘଟି ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୧.୨ ପ୍ରତିଶତ ଅର୍ଥାତ୍ ୧୦.୫ ବିଲିୟନ୍ ଡଲାରରେ ପହଞ୍ଚିଛି। ମଙ୍ଗଳବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଏହି ସୂଚନା ଦିଆଯାଇଛି।

୨୦୨୨-୨୩ ଆର୍ଥିକବର୍ଷର ତୃତୀୟ ତ୍ରୈମାସିକରେ ଚଳନ୍ତି ଖାତା ନିଅଣ୍ଟ ୧୬.୮ ଆରବ ଡଲାର ଅର୍ଥାତ୍ ଡିଜିପିର ୨ ପ୍ରତିଶତ ରହିଥିଲା। ହେଲେ ଚଳିତ ଆର୍ଥିକବର୍ଷର ଦ୍ୱିତୀୟ ତ୍ରୈମାସିକରେ ଚଳନ୍ତି ଖାତା ନିଅଣ୍ଟ ୧୬.୮ ଆରବ ଡଲାର ଅର୍ଥାତ୍ ଡିଜିପିର ୨ ପ୍ରତିଶତରେ ଏହା ୧୧.୪ ବିଲିୟନ୍ ଡଲାର ଅର୍ଥାତ୍ ଜିଡିପିର ୧.୩ ପ୍ରତିଶତ ରହିଛି। ସୂଚନାଥାଉକି ସିଏଡି ବିଦେଶକୁ ପଠାଯାଇଥିବା ଧନ ଓ ବିଦେଶରୁ ଦେଶକୁ ଆସିଥିବା ଧନ ମଧ୍ୟରେ ପାର୍ଥକ୍ୟ ଦର୍ଶାଇଥାଏ। ଆର୍‌ବିଆଇର ସୂଚନା ଅନୁସାରେ ନେଟ୍ ପ୍ରତ୍ୟେକ୍ଷ ବିଦେଶୀ ନିବେଶ (ଏଫ୍‌ଡିଆଇ) ପ୍ରବାହ ୨୦୨୩ ଏପ୍ରିଲ-ଡିସେମ୍ବର ମଧ୍ୟରେ ହ୍ରାସ ପାଇ ୮.୫ ବିଲିୟନ୍ ଡଲାର ରହିଛି। ଯାହା ଗତବର୍ଷ ସମାନ ଅବଧିରେ ୨୧.୬ ବିଲିୟନ୍ ଡଲାର ରହିଥିଲା। ତେବେ ତ୍ରୈମାସିକ ଆଧାରରେ ନେଟ୍ ଏଫ୍‌ଡିଆଇ ପ୍ରବାହ ଦୁଇଗୁଣାରୁ ଅଧିକ ବଢ଼ିଛି। ଚଳିତ ଆର୍ଥିକବର୍ଷର ତୃତୀୟ ତ୍ରୈମାସିକରେ ଏଫ୍‌ଡିଆଇରେ ୪.୨ ବିଲିୟନ୍ ଡଲାର ଆଗମନ ଆକଳନ କରାଯାଇଛି। ଯାହା ୨୦୨୨-୨୩ର ତୃତୀୟ ତ୍ରୈମାସିକରେ ୨ ବିଲିୟନ୍ ଡଲାର ରହିଥିଲା।

● ଆଇଆର୍‌ଡିଏର ନୂଆ ମାର୍ଗଦର୍ଶିକା

## ବଦଳିଲା ବୀମା ସରେଣ୍ଡର ଚାର୍ଜ ନିୟମ

ନୂଆଦିଲ୍ଲୀ,୨୭।୩(ସମିସ):ଦେଶର ବୀମା କ୍ଷେତ୍ରରେ ଅନେକ ପରିବର୍ତ୍ତନ ହେବାକୁ ଯାଉଛି। ଭାରତୀୟ ବୀମା ନିୟାମକ କର୍ତ୍ତୃପକ୍ଷ (ଆଇଆର୍‌ଡିଏ) ନୂଆ ନିୟମ ନେଇ ବିଜ୍ଞପ୍ତି ପ୍ରକାଶ କରିଛି। ଏଥିରେ ବୀମା ସରେଣ୍ଡର ଚାର୍ଜ ନିୟମରେ ପରିବର୍ତ୍ତନ କରାଯାଇଛି। ନିୟାମକଙ୍କ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି।

ଆଇଆର୍‌ଡିଏ ଏହା ୬ ନିୟମକୁ ଏକ ଏକ ୟୁନିଫାଏଡ ଫ୍ରେମୱର୍କରେ ମିଶ୍ରଣ କରାଇଛି। ବୀମା ନିୟାମକଙ୍କ ଦ୍ୱାରା କରାଯାଇଥିବା ପରିବର୍ତ୍ତନ ଏପ୍ରିଲ ପହିଲା ଅର୍ଥାତ୍ ନୂଆ ଆର୍ଥିକବର୍ଷରୁ ଲାଗୁ ହେବ। ନୂଆ ନିୟମାନୁଯାୟୀ, ଯଦି କୌଣସି ବୀମା ଧାରୀ ପଲିସି ପରିପକ୍ୱ ଲାଭ କରିବା ତାରିଖ ପୂର୍ବରୁ ନିଜର ବୀମା ପଲିସିକୁ ବନ୍ଦ କରିଥାନ୍ତି ତେବେ ବୀମା କମ୍ପାନୀଗୁଡ଼ିକ ସେଥିପାଇଁ କିଛି ଚାର୍ଜ ନେଇଥାନ୍ତି। ଯାହାକୁ ପଲିସି ସରେଣ୍ଡର ଚାର୍ଜ କୁହାଯାଇଥାଏ। ଆଇଆର୍‌ଡିଏର ନିୟମ ଅନୁଯାୟୀ, ଯଦି ବର୍ତ୍ତମାନ କୌଣସି ବୀମାଧାରୀ ୪ରୁ ୭ ବର୍ଷରେ ପଲିସି ସରେଣ୍ଡର କରନ୍ତି ତେବେ ସରେଣ୍ଡର ଭାଲ୍ୟୁ କିଛି ମାତ୍ରାରେ ବଢିପାରେ।

## ସୋଚ୍‌ର ନୂଆ ସ୍ପ୍ରିଙ୍ଗ ସମର୍ କଲେକ୍ସନ ୨୦୨୪

ଭୁବନେଶ୍ୱର,୨୭।୩(ସମିସ)

ଭାରତର ଅଗ୍ରଣୀ ଇଭ୍ନିଙ୍ଗ୍ ଓ ଅକେଜନ ୱେୟାର ବ୍ରାଣ୍ଡ ସୋଚ୍ ପକ୍ଷରୁ ଏହାର ନୂତନ ସ୍ପ୍ରିଙ୍ଗ ସମର୍ କଲେକ୍ସନ ୨୦୨୪ ଶୁଭାରମ୍ଭ କରାଯାଇଛି। ଏହି ନୂତନ କଲେକ୍ସନରେ ଫ୍ୟାବ୍ରିକ୍ ଓ ଷ୍ଟାଇଲର ଏକ ଶୃଙ୍ଖଳା ଅନ୍ତର୍ଭୁକ୍ତ ରହିଛି ଯାହା ସ୍ୱତନ୍ତ୍ର ଏଥିନିକ ଫ୍ଲେୟାର ସହ ଆପଣଙ୍କ ସମର୍ ୱାର୍ଡରୋବ୍‌କୁ ଉନ୍ନତ କରିବା ପାଇଁ ପ୍ରତିଶ୍ରୁତି ଦେଉଛି। ଏହି କଲେକ୍ସନ ହେଉଛି ଇଣ୍ଡିଗୋ ହ୍ୟୁସ୍, ସ୍କିଫ୍ଲି ଚିକ୍, କୋଟା କଟୋର୍, ଇଭୋରି ଏଲିଗାନ୍ସ, ବ୍ରିଜି ଥ୍ରେଡ୍ସ ଓ ଭିଭିଡ୍ ବ୍ଲୁମ୍ ସମେତ ଥିମ୍‌ଗୁଡିକର ଏକ କ୍ୟୁରେଟେଡ ପ୍ୟାଲେଟ୍। ପ୍ରତ୍ୟେକ କଲେକ୍ସନ ଏଥିନିକ୍ ୱେର ଉପରେ ଏକ ସତେଜ ଦୃଷ୍ଟିକୋଣର ପ୍ରତିଶ୍ରୁତି ଦେଉଛି, ଯାହାକୁ ବର୍ତ୍ତମାନ ସମୟର ମହିଳାମାନଙ୍କ ପାଇଁ ଆଧୁନିକ ପୋଷାକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି। ଏହି କ୍ୟୁରେଟେଡ୍ କଲେକ୍ସନ ବ୍ୟତୀତ ସୋଚ୍‌ର ଡିଜାଇନ୍‌ଗୁଡିକ ଏକ ଚିନ୍ତାଶୀଳ ଶୃଙ୍ଖଳା ଦ୍ୱାରା ପରିପୂର୍ଣ୍ଣ ହୋଇଛି ଯାହା ଶାଢୀ, ଚୁଡିଦାର ସେଟ୍, ଡ୍ରେସ, କୁର୍ତ୍ତା ଓ ଲେହେଙ୍ଗାକୁ ସମ୍ପ୍ରସାରିତ ହୋଇଛି।



## ୨୦୪୭ ସୁଦ୍ଧା ବିକଶିତ ଭାରତ ସ୍ୱପ୍ନ ସମ୍ପୂର୍ଣ୍ଣ ନିରର୍ଥକ: ରାଜନ୍

### ଶିକ୍ଷାରେ ସୁଧାର ନ ଆଣି ଚିପ୍ ମାନୁଫାକ୍ଚରିଂ ପ୍ରକଳ୍ପ ଉପରେ ଗୁରୁତ୍ୱ ?

ନୂଆଦିଲ୍ଲୀ,୨୭।୩(ଏଜେନ୍ସି)

ଦେଶରେ ଅର୍ଥନୈତିକ ବିକାଶକୁ ନେଇ ପୁଣିଥରେ ଖୋଲାଖୋଲି ସମାଷଲାଚନା କରିଛନ୍ତି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୪୭ ସୁଦ୍ଧା ବିକାଶିତ ଭାରତ ନେଇ ଯେଉଁ ସ୍ୱପ୍ନ ଦେଖାଉଛନ୍ତି ତାକୁ ସମ୍ପୂର୍ଣ୍ଣ ଭୁଲ୍ ବୋଲି କହିଛନ୍ତି ରାଜନ୍। ସେ କହିଛନ୍ତି ଯେ ଭାରତର ଆର୍ଥିକ ବିକାଶକୁ ନେଇ ଯେଉଁଭଳି ପ୍ରଚାର କରାଯାଉଛି ତାହା ବଡ଼ ଭୁଲ।

ତାଙ୍କ ମତରେ ଦେଶରେ ଏକାଧିକ ଢାଞ୍ଚାଗତ ସମସ୍ୟା ରହିଛି। ଯାହାର ସମାଧାନ କରିବା ନିହାତି ଆବଶ୍ୟକ। ବର୍ତ୍ତମାନ ସମୟରେ ଦେଶର ସବୁଠାରୁ ବଡ଼ ସମସ୍ୟା ହେଉଛି, ଶିକ୍ଷା ଓ ଦେଶରେ କର୍ମଚାରୀମାନଙ୍କର ଦକ୍ଷତା ବିକାଶରେ ସୁଧାର ଆଣିବା। ବ୍ଲୁମ୍‌ବର୍ଗ ସହ ଆଲୋଚନା ବେଳେ ଶ୍ରୀ ରାଜନ କହିଛନ୍ତି ଯେ ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ଦେଶ ହୋଇପାରିବନାହିଁ। କାରଣ ଯଦି ଦେଶର ଅନେକ ପିଲା ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷା ପାଇପାରୁନାହାଁନ୍ତି ଏବଂ ଅଧାରୁ ପାଠ ଛାଡିବା ହାର ଅଧିକ ରହୁଛି, ଏପରି ସ୍ଥିତିରେ ଏଭଳି ଲକ୍ଷ୍ୟ ହାସଲ କରିବାର କଥା କହିବା ସମ୍ପୂର୍ଣ୍ଣ ଭାବରେ 'ନିରର୍ଥକ' ବୋଲି ଆର୍‌ବିଆଇର ଏହି ପୂର୍ବତନ ଗଭର୍ଣ୍ଣର କହିଛନ୍ତି। ଶ୍ରୀ ରାଜନ ଆହୁରି କହିଛନ୍ତି ଯେ ଆମ ପାଖରେ ବଢୁଥିବା ଏକ କର୍ମଜୀବୀ ସମ୍ବଳ ରହିଛନ୍ତି, କିନ୍ତୁ ଏହା ସେତେବେଳେ ଲାଭାଂଶରେ ପରିଣତ ହେବ ଯେତେବେଳେ ଏହି ଶ୍ରମିକମାନଙ୍କ ପାଖରେ ଭଲ ଚାକିରି ଉପଲବ୍ଧ ହେବ। ମୁଁ ଭାବୁଛି ଯେ ଆମେ ଏହି ସମ୍ଭାବ୍ୟ ଦୁଃଖ ସହ ଲଢେଇ କରୁଛେ। କରୋନା ମହାମାରୀ ପରେ ପିଲାମାନଙ୍କର ଶିଖିବା ଓ ବୁଝିବାର କ୍ଷମତାରେ ହୋଇଥିବା ହ୍ରାସକୁ ନେଇ ପ୍ରକାଶ ପାଇଥିବା ଏକାଧିକ ଗବେଷଣା ରିପୋର୍ଟକୁ ନେଇ ରାଜନ କହିଛନ୍ତି - ସର୍ବପ୍ରଥମେ ଆମକୁ ଦେଶର କର୍ମଜୀବୀଙ୍କୁ ନିଯୁକ୍ତି ଦେବା ଆବଶ୍ୟକ, ଏହାପରେ ସେମାନଙ୍କୁ ଶିକ୍ଷା ପ୍ରଦାନ କରିବା। ସେମାନଙ୍କ ପାଇଁ ନୂଆ ଚାକିରି ସୃଷ୍ଟି କରିବା ଆବଶ୍ୟକ। କେନ୍ଦ୍ର ସରକାରଙ୍କର ନୀତିକୁ ସମାଲୋଚନା କରି ସେ କହିଛନ୍ତି ଯେ କେନ୍ଦ୍ର ସରକାର ଦେଶର ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପରିବର୍ତ୍ତେ ଧ୍ୟାନ ଚିପ୍ ମାନୁଫାକ୍ଚରିଂ ଭଳି ହାଇ-ପ୍ରୋଫାଇଲ୍ ପ୍ରକଳ୍ପ ଉପରେ ରଖିଛନ୍ତି।



## ଟାଟା ପାୱାରକୁ ଶ୍ରେଷ୍ଠ ନିଯୁକ୍ତିଦାତା ୨୦୨୩ ମାନ୍ୟତା



ଭୁବନେଶ୍ୱର,୨୭।୩(ସିମସ): ଭାରତର ଅନ୍ୟତମ ବୃହତମ ସମନ୍ୱିତ ଶକ୍ତି କମ୍ପାନି ଟାଟା ପାୱାରକୁ କିନ୍‌ସେନ୍‌ଟ୍ରିକ୍ ଇଣ୍ଡିଆ ପକ୍ଷରୁ ଶ୍ରେଷ୍ଠ ନିଯୁକ୍ତିଦାତା ୨୦୨୩ ଭାବେ ପୁରସ୍କୃତ କରାଯାଇଛି। ଏହି ସମ୍ମାନଜନକ ପୁରସ୍କାର ଟାଟା ପାୱାରର ସ୍ଥିରତା, ଅନ୍ତର୍ଭୁକ୍ତୀକରଣ, ଅଭିନବତା ଏବଂ କର୍ମଚାରୀ ବିକାଶରେ ଗଭୀର ଭାବେ ଜଡ଼ିତ ପରିବର୍ତନର ଯାତ୍ରାକୁ ସ୍ୱୀକୃତି ଦେଇଛି। ସାଂଗଠନିକ ଉଦ୍ଦେଶ୍ୟ, ମାନବ ସମ୍ବଳ ପ୍ରକ୍ରିୟା ପ୍ରସ୍ତୁତି ଏବଂ କର୍ମଚାରୀ ଅନୁଭୂତି ବିଷୟବସ୍ତୁ ଉପରେ ଟାଟା ପାୱାର ଉଦ୍ଦେଶ୍ୟ, ପ୍ରସ୍ତୁତି ଓ ଅନୁଭୂତିର ନୀତି ଆଧାରରେ ଏକ ବ୍ୟାପକ ମୂଲ୍ୟାଙ୍କନ କରିଥିଲା। ମୂଲ୍ୟାଙ୍କନ ପରେ ଟାଟା ପାୱାର ଏହି ଗୁରୁତ୍ୱପୂର୍ଣ୍ଣ ଦିଗରେ ଅଗ୍ରଣୀ ଭାବେ ଉଭା ହୋଇଥିଲା ଯେଉଁଥିରେ ଦକ୍ଷ, ବି-ଭୋକ୍ ଏବଂ ଟାଟା ପାୱାର ଦକ୍ଷତା ବିକାଶ ପ୍ରତିଷ୍ଠାନ ଭଳି ସ୍ୱତବ ଭାବରେ ପ୍ରସ୍ତୁତ କାର୍ଯ୍ୟକ୍ରମ ମାଧ୍ୟମରେ ଉତ୍କୃଷ୍ଟତା ପ୍ରତି ଏହାର ପ୍ରତିବଦ୍ଧତା ପ୍ରତିଫଳିତ ହୋଇଥିଲା। ବିଶେଷକରି ଅକ୍ଷୟ ଶକ୍ତି ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ କର୍ମଚାରୀ ଦକ୍ଷତା ବୃଦ୍ଧି ଏବଂ ସ୍ଥାନୀୟ ସମୁଦାୟର ସଶକ୍ତୀକରଣ ଉପରେ ଧ୍ୟାନ ଦିଆଯାଇଥିଲା। ଟାଟା ପାୱାରର ସ୍ଥାୟିତ୍ୱ ଏବଂ ସିଏସଆର ମୁଖ୍ୟ ହିମାଲ ତିୱାରୀ କହିଛନ୍ତି ଯେ, ଟାଟା ପାୱାରରେ ଆମର ମାର୍ଗଦର୍ଶକ ନୀତି ହେଉଛି ଜୀବନକୁ ସକାରାତ୍ମକ ଭାବେ ପ୍ରଭାବିତ କରିବା ଏବଂ ପରିବର୍ତନ ଆଣିବା ପାଇଁ ଆମର ଅତୁଟ ପ୍ରତିବଦ୍ଧତା। ଏହି ପୁରସ୍କାର ଟାଟା ପାୱାରର ଉତ୍କର୍ଷ ଯାତ୍ରା ପାଇଁ ପ୍ରେରଣା ସାଜିଛି।

## ବର୍ଣ୍ଣାଡ୍ ଆର୍ଣ୍ଣୋଲ୍ଟ ପୁଣି ବିଶ୍ୱର ସର୍ବୋଚ୍ଚ ଧନୀ

ନୂଆଦିଲ୍ଲୀ,୨୭।୩(ଏଜେନ୍ସି)

ବିଶ୍ୱ ବିଲିୟନେୟାର ସୂଚୀରେ ବଡ଼ ଧରଣର ଅଦଳବଦଳ ହୋଇଛି। ଫରାସୀ ବ୍ୟବସାୟୀ ବର୍ଣ୍ଣାଡ୍ ଆର୍ଣ୍ଣୋଲ୍ଟ ପୁଣି ଥରେ ବିଶ୍ୱର ଏକ ନମ୍ବର ଧନୀ ପାଲଟିଛନ୍ତି। ସେ ଜେଫ୍ ବେଜୋସ୍‌ଙ୍କୁ ପଛରେ ପକାଇ ଦେଇଛନ୍ତି। ଚଳିତମାସରେ ଶ୍ରେଷ୍ଠ ୧୦ ଅରବପତି ତାଲିକାରେ ବଡ଼ଧରଣର ଓଲଟପାଲଟ ହୋଇଛି। ତେବେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଥମ ଥର ପାଇଁ ବିଶ୍ୱର ଶ୍ରେଷ୍ଠ ୫୦୦ ଧନୀଙ୍କ ତାଲିକାରେ ପ୍ରବେଶ କରିଛନ୍ତି।

**ବିଶ୍ୱର ଶ୍ରେଷ୍ଠ ୫୦୦ ଧନୀ ତାଲିକାରେ ଟ୍ରମ୍ପଙ୍କ ପ୍ରବେଶ**

ପ୍ରଥମେ ଏଲନ ମସ୍କ ବିଶ୍ୱର ସବୁଠୁ ବଡ଼ ଧନୀ ବ୍ୟକ୍ତି ଥିଲେ। ତେବେ ବେଜୋସ୍ ତାଙ୍କୁ ପଛରେ ପକାଇ ଏକ ନମ୍ବର ହେବାର ଦିନ କେଇଟାରେ ବର୍ଣ୍ଣାର୍ଡ ଆର୍ଣ୍ଣୋଲ୍ଟ ତାଙ୍କ ସ୍ଥାନ ଛଡେଇ ନେଇଛନ୍ତି। ଧନୀ ବ୍ୟକ୍ତିଙ୍କ ସୂଚୀରେ ଅଦଳବଦଳରେ ଜେଫ ବେଜୋସ ୨୦୨ ବିଲିୟନ ଡଲାର ସମ୍ପତ୍ତି ସହିତ ଦ୍ୱିତୀୟ ସ୍ଥାନକୁ ଖସିଆସିଛନ୍ତି। ୨୩୦ ବିଲିୟନ ଡଲାର ସମ୍ପତ୍ତି ସହିତ ଆର୍ଣ୍ଣୋଲ୍ଟ ବିଶ୍ୱର ସର୍ବ ଶ୍ରେଷ୍ଠ ଧନୀ ବ୍ୟକ୍ତି ପାଲଟିଛନ୍ତି। ଏବେ ୨୦୦ ବିଲିୟନ ଡଲାରର ଧନୀଙ୍କ କ୍ଲବରେ ମାତ୍ର ୨ ଜଣ ଅଛନ୍ତି। ବିଶ୍ୱର ପ୍ରଥମ ଓ ଦ୍ୱିତୀୟ ନମ୍ବରରେ ଥିବା ବିଲିୟନେୟାରଙ୍କ ସମ୍ପତ୍ତିରେ ମାତ୍ର ୨୮ ବିଲିୟନ ଡଲାରର ଫରକ୍ ରହିଛି। ଏଥିରୁ ଅନୁମାନ କରାଯାଉଛି ଆର୍ଣ୍ଣୋଲ୍ଟ ଦୀର୍ଘ ସମୟ ପର୍ଯ୍ୟନ୍ତ ୧ ନମ୍ବର ସ୍ଥାନରେ ରହିପାରନ୍ତି। ବ୍ଲୁମବର୍ଗ ଧନୀ ତାଲିକାରେ ୧୮୭ ବିଲିୟନ ଡଲାର ସମ୍ପତ୍ତି ସହ ଏଲନ୍ ମସ୍କ ତୃତୀୟ ସ୍ଥାନରେ ପହଞ୍ଚିଥିବାବେଳେ ମାର୍କ ଜୁକରବର୍ଗ ୧୭୮ ବିଲିୟନ ଡଲାର ସହିତ ସୂଚୀର ଚତୁର୍ଥ ସ୍ଥାନରେ ରହିଛନ୍ତି। ବିଲ ଗେଟ୍ସ ୧୫୩ ବିଲିୟନ ଡଲାର ସମ୍ପତ୍ତି ସହିତ ସୂଚୀର ପଞ୍ଚମ ସ୍ଥାନରେ ରହିଥିବାବେଳେ ୧୪୬ ବିଲିୟନ ଡଲାର ସମ୍ପତ୍ତି ସହିତ ଷ୍ଟିଭ୍ ବାଲମର ସୂଚୀର ଷଷ୍ଠ ସ୍ଥାନରେ, ୧୩୯ ବିଲିୟନ ଡଲାର ସମ୍ପତ୍ତି ସହିତ ଲ୍ୟାରୀ ଏଲିସନ ୭ମ ସ୍ଥାନରେ ରହିଥିବାବେଳେ ଲ୍ୟାରୀ ପେଜ୍ ୧୩୬ ବିଲିୟନ ଡଲାର ସମ୍ପତ୍ତି ସହିତ ୮ମ ସ୍ଥାନରେ, ୧୩୬ ବିଲିୟନ ଡଲାର ସମ୍ପତ୍ତି ସହ ୱାରେନ ବଫେ ୯ମ ସ୍ଥାନରେ ଥିବା ବେଳେ ସର୍ଗି ବ୍ରିନ୍ ୧୨୯ ବିଲିୟନ ଡଲାରର ସମ୍ପତ୍ତି ସହ ଧନୀଙ୍କ ସୂଚୀର ୧୦ମ ସ୍ଥାନରେ ରହିଛନ୍ତି।



# ବଢ଼ିଲା ଡେବିଟ୍ କାର୍ଡ ଚାର୍ଜ

ନୂଆଦିଲ୍ଲୀ,୨୭।୩(ଏଜେନ୍ସି)

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ଏହାର ୪୦ କୋଟିରୁ ଅଧିକ ଗ୍ରାହକଙ୍କୁ ଏକ ବଡ଼ ଝଟ୍‌କା ଦେଇଛି। ମୁଦ୍ରାସ୍ଫୀତି ସହ ସଂଘର୍ଷ କରୁଥିବା ସାଧାରଣ ଜନତାଙ୍କୁ ବର୍ତ୍ତମାନ ଏସବିଆଇର ଏହି ଗୋଟିଏ ସେବା ବ୍ୟବହାର କରିବା ପାଇଁ ପୂର୍ବାପେକ୍ଷା ୭୫ ଟଙ୍କା ଅତିରିକ୍ତ ଖର୍ଚ୍ଚ କରିବାକୁ ପଡିବ। ଆସନ୍ତା ଏପ୍ରିଲ ପହିଲାଠାରୁ ଏହି ନୂତନ ଦେୟ ଲାଗୁ ହେବ। ଏସବିଆଇ ପକ୍ଷରୁ କରାଯାଇଥିବା ଘୋଷଣା ଅନୁଯାୟୀ, ଏହାର କେତେକ ନିର୍ଦ୍ଦିଷ୍ଟ ଏଟିଏମ୍ କମ୍ ଡେବିଟ୍ କାର୍ଡ ଉପରେ ଗ୍ରାହକଙ୍କୁ ବାର୍ଷିକ ରକ୍ଷଣାବେକ୍ଷଣ ଚାର୍ଜ ବାବଦ ୭୫ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ଏହାର ଅର୍ଥ ହେଉଛି ବ୍ୟାଙ୍କର କିଛି ଡେବିଟ୍ କାର୍ଡ ପାଇଁ ବର୍ତ୍ତମାନ ପୂର୍ବାପେକ୍ଷା ଅଧିକ ଖର୍ଚ୍ଚ କରିବାକୁ ହେବ। ଏସବିଆଇର ବିଜ୍ଞପ୍ତି ଅନୁଯାୟୀ, ବର୍ତ୍ତମାନଠାରୁ କ୍ଲାସିକ୍, ସିଲଭର, ଗ୍ଲୋବାଲ୍, କଣ୍ଟାକ୍ଟଲେସ୍ ଡେବିଟ୍ କାର୍ଡ ତଥା ୟୁଭା, ଗୋଲ୍ଡ, କମ୍ବୋ ଡେବିଟ୍ କାର୍ଡ, ମାଇଁ କାର୍ଡ ଭଳି ଇମେଜ୍ କାର୍ଡ , ପ୍ଲାଟିନମ୍ ଡେବିଟ୍ କାର୍ଡ ଏବଂ ପ୍ରାଇଡ୍ କିମ୍ବା ପ୍ରିମିୟମ୍ ବିଜନେସ୍ ଡେବିଟ୍ କାର୍ଡ ଆଦିର ଚାର୍ଜ ବୃଦ୍ଧି କରାଯାଇଛି।



ଯଦି ଆପଣଙ୍କ ପାଖରେ ଏସ୍‌ବିଆଇର ଉପରୋକ୍ତ ଡେବିଟ୍ କାର୍ଡଗୁଡ଼ିକ ମଧ୍ୟରୁ କୌଣସିଟି ଅଛି, ତେବେ ଆପଣଙ୍କୁ ବର୍ତ୍ତମାନ ଅପେକ୍ଷା ଅଧିକ ଦେୟ ଦେବାକୁ ପଡିବ। ଏହି ଅନୁଯାୟୀ, କ୍ଲାସିକ୍, ସିଲଭର, ଗ୍ଲୋବାଲ୍, କଣ୍ଟାକ୍ଟଲେସ୍ ଡେବିଟ୍ କାର୍ଡ ପାଇଁ ୧୨୫ ଟଙ୍କା ସମେତ ଜିଏସ୍‌ଟି ଆଦାୟ କରାଯାଉଥିଲା, ବର୍ତ୍ତମାନ ଏପ୍ରିଲ ପହିଲାଠୁରୁ ଏଥିପାଇଁ ୨୦୦ ଟଙ୍କା ସମେତ ଜିଏସ୍‌ଟି ଲାଗୁ ହେବ। ବର୍ତ୍ତମାନ ୟୁଭା, ସୁନା, କମ୍ବୋ ଡେବିଟ୍ କାର୍ଡ, ମୋ କାର୍ଡ ପରି ଇମେଜ୍ କାର୍ଡ ପାଇଁ ଆପଣଙ୍କୁ ୨୫୦ ଟଙ୍କା ସମେତ ଜିଏସ୍‌ଟି ଦେବାକୁ ପଡିବ। ପୂର୍ବରୁ ଏଥିପାଇଁ ଚାର୍ଜ ୧୭୫ ଟଙ୍କା ସମେତ ଜିଏସ୍‌ଟି ଦେବାକୁ ପଡୁଥିଲା। ସେହିଭଳି ପ୍ଲାଟିନମ୍ ଡେବିଟ୍ କାର୍ଡ ପାଇଁ ପୂର୍ବରୁ ଆପଣଙ୍କୁ ୨୫୦ ଟଙ୍କା ସମେତ ଜିଏସ୍‌ଟି ଦେବାକୁ ପଡୁଥିଲା, କିନ୍ତୁ ବର୍ତ୍ତମାନ ଆପଣଙ୍କୁ ୩୨୫ ଟଙ୍କା ସମେତ ଜିଏସ୍‌ଟି ଦେବାକୁ ପଡିବ। ବର୍ତ୍ତମାନଠାରୁ ପ୍ରାଇଡ୍ କିମ୍ବା ପ୍ରିମିୟମ୍ ବିଜ୍‌ନେସ୍ ଡେବିଟ୍ କାର୍ଡ ପାଇଁ ୪୨୫ ଟଙ୍କା ସହ ଜିଏସ୍‌ଟି ଦେବାକୁ ପଡିବ, ଏହା ପୂର୍ବରୁ ଏଥିପାଇଁ ୩୫୦ ଟଙ୍କା ସମେତ ଜିଏସ୍‌ଟି ଦେବାକୁ ପଡୁଥିଲା।

- ବାର୍ଷିକ ମେଣ୍ଟେନାନ୍ସ ଚାର୍ଜ ବୃଦ୍ଧି କଲା ଏସ୍‌ବିଆଇ
- ଏପ୍ରିଲ ପହିଲାରୁ ୭୫ ଟଙ୍କା ମହଙ୍ଗା

ସକାଳ
THE SAKALA


**ସାଧାରଣ ନିର୍ବାଚନ ୨୦୨୪**

# ଅରୁଣ, ସତ୍ୟନାରାୟଣ ଓ ରମେଶ ବିଜେଡି ପ୍ରାର୍ଥୀ





**ନୟାଗଡ଼, ୨୭।୩(ସମିସ):**

ଆଗାମୀ ସାଧାରଣ ନିର୍ବାଚନ ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳୀୟ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ବୁଧବାର ରାଜ୍ୟର ଅନେକ ଲୋକସଭା ଆସନ ଏବଂ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା ହୋଇଥିବା ବେଳେ ନୟାଗଡ଼ ଜିଲ୍ଲାର ନୟାଗଡ଼, ଦଶପଲ୍ଲା ଓ ରଣପୁର ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ବିଜୁ ଜନତା ଦଳରୁ ନୟାଗଡ଼ ନିର୍ବାଚନ ମଣ୍ଡଳୀ ବିଧାନସଭା ଆସନ ପାଇଁ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଡ. ଅରୁଣ କୁମାର ସାହୁ ପ୍ରାର୍ଥୀ ହେଇଛନ୍ତି। ସେହିଭଳି ଦଶପଲ୍ଲା ବିଧାନସଭା କ୍ଷେତ୍ର ପାଇଁ ବିଧାୟକ ରମେଶ ଚନ୍ଦ୍ର ବେହେରା ଦଳୀୟ ପ୍ରାର୍ଥୀ ହୋଇଛନ୍ତି। ରଣପୁର ବିଧାନସଭା ଆସନ ପାଇଁ ବିଧାୟକ ସତ୍ୟନାରାୟଣ ପ୍ରଧାନ(ବାଦଲ)ଙ୍କୁ ଦଳୀୟ ପ୍ରାର୍ଥୀ କରାଯାଇଛି। ଗତ ୨୦୧୯ ନିର୍ବାଚନରେ ୩ଟି ଆସନରୁ ଏହି ନେତାମାନେ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ୮୧ ହଜାର ୫୪୧ ଖଣ୍ଡ ଭୋଟ ପାଇଥିଲେ। ତାଙ୍କ ବିରୁଦ୍ଧରେ ବିଜେପିରୁ ପ୍ରାର୍ଥୀ ହୋଇ ଇରାନୀ ରାୟ ୬୬ ହଜାର ୬ ଶହ ଭୋଟ ପାଇଥିଲେ। ଇରାନୀ ନିକଟରେ ବିଜେଡିରେ ସମର୍ଥକଙ୍କ ସହ ଯୋଗ ଦେଇଥିବା ବେଳେ ଏଥର ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ବିଜେଡି ଭୋଟ ହାର ବୃଦ୍ଧି ପାଇବା ନିଶ୍ଚିତ ବୋଲି ଆଲୋଚନା ହେଉଛି। ସେହିଭଳି ଭାବେ ରଣପୁର ବିଧାନସଭା ଆସନରୁ ଗତ ୨୦୧୯ ନିର୍ବାଚନରେ ସତ୍ୟନାରାୟଣ ପ୍ରଧାନ ପ୍ରାର୍ଥୀ ହୋଇ ୬୯ ହଜାର ୮୪୯ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ସୁରମା ପାଢ଼ୀ ୬୫ ହଜାର ୫୯୮ ଖଣ୍ଡ ଭୋଟ ପାଇଥିଲେ। ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ଗତ ୨୦୧୯ ନିର୍ବାଚନରେ ରମେଶ ଚନ୍ଦ୍ର ବେହେରା ବିଜେପି ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ପରାସ୍ତ କରିଥିଲେ। ଆଗାମୀ ନିର୍ବାଚନ ପାଇଁ ଏହି ୩ ନେତାଙ୍କୁ ପୁନଃ ପ୍ରାର୍ଥୀ କରାଯିବା ପରେ ଦଳୀୟ କର୍ମୀଙ୍କ ମହଲରେ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି ହୋଇଛି। ପୁଣିଥରେ ବିରୋଧିଙ୍କୁ ପରାସ୍ତ କରି ବିଜୟୀ ହେବାକୁ ପ୍ରତ୍ୟେକ ନେତା ଆଶା ରଖିଛନ୍ତି। ଅନ୍ୟପକ୍ଷେ, ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ହୋଇନଥିବାରୁ କଳ୍ପନାଜଳ୍ପନା ପ୍ରକାଶ ପାଉଛି। ଖଣ୍ଡପଡ଼ା ଆସନରୁ ଏକାଧିକ ପ୍ରାର୍ଥୀ ଆଶାୟୀ ରହିଥିବା ବେଳେ ଦଳ କାହା ମୁଣ୍ଡରେ ସୁନାକଳସ ଢାଳିବ ତାକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଉଛି। ଅନ୍ୟପକ୍ଷେ, ଏବେ ପର୍ଯ୍ୟନ୍ତ କଂଗ୍ରେସ ଓ ବିଜେପି ବିଧାନସଭା ପ୍ରାର୍ଥୀ ଘୋଷଣା ହୋଇନଥିବା ବେଳେ ବିଜେଡି ଆଗୁଆ ପ୍ରାର୍ଥୀ ଘୋଷଣା କରି ବିରୋଧିଙ୍କୁ ଚକମା ଦେଇଥିବା ଆଲୋଚନା ହେଉଛି।

## ୫ ଥର ପାଇଁ ପ୍ରାର୍ଥୀ ହେବେ ଅରୁଣ

**ନୟାଗଡ଼/ଓଡଗାଁ, ୨୭।୩(ସମିସ):** ନୟାଗଡ଼ ବିଧାନସଭା ଆସନରୁ ବିଧାୟକ ଡ଼ ଅରୁଣ କୁମାର ସାହୁ ତାଙ୍କର ପଞ୍ଚମ ପାଳିରେ ପୁଣି ଥରେ ବିଧାୟକ ପ୍ରାର୍ଥୀ ରୂପେ ଦଳ ତରଫରୁ ମନୋନୀତ ହୋଇଥିବାରୁ ସ୍ଥାନୀୟ ବିଜେଡି ନେତା, କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଛି। ବିଗତ ୨୦ ବର୍ଷ ମଧ୍ୟରେ ଅରୁଣଙ୍କୁ ନେଇ ବିରୋଧୀଙ୍କ ଅଙ୍କଗଣନା ଭୁଲ ପ୍ରମାଣିତ ହୋଇଛି। ୨୦୦୪ ମସିହାରେ ପ୍ରଥମ ଥର ପାଇଁ ବିଧାୟକ ହୋଇଥିବା ଅରୁଣ ୨୦୦୯, ୨୦୧୪, ୨୦୧୯ରେ ପ୍ରାର୍ଥୀ ହୋଇ ବିଜୟୀ ଲାଭ କରିଥିବା ବେଳେ ଏଥର ରେକର୍ଡ ହେବ ବୋଲି ଆଶା କରାଯାଉଛି। ନୟାଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୟାଗଡ଼ ଓ ଓଡଗାଁ ବ୍ଲକରେ ରହିଥିବା ସମସ୍ତ ଗ୍ରାମ ସମେତ ନୟାଗଡ଼ ପୌର ପରିଷଦ ଏବଂ ଓଡଗାଁ ଏନ୍ଏସିର ବିକାଶ ପାଇଁ ତାଙ୍କର ପରିକଳ୍ପନା ଏବଂ ଚିନ୍ତାଧାରା ସବୁଠାରୁ ଭିନ୍ନ ବୋଲି ଦେଖାଯାଇଛି। ଡ଼ ସାହୁ ନିରବଚ୍ଛିନ୍ନ ଭାବେ ଚତୁର୍ଥ ପାଳି ଅର୍ଥାତ ୨୦ ବର୍ଷର କାର୍ଯ୍ୟକାଳ ପୂରଣ କରିଥିବା ବେଳେ ଏବେ ୫ମ ଥର ପାଇଁ ୨୦୨୪ ସାଧାରଣ ନିର୍ବାଚନରେ ବିଧାୟକ ଭାବେ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ନୟାଗଡ଼ର ବିକାଶକୁ ମନ୍ତ୍ର କରି ଏଥର ଦଳ ନିର୍ବାଚନ ମଇଦାନରେ ପାର ହେବ ବୋଲି ଆଶା କରିଛି। ଏଥିନିମନ୍ତେ ନୟାଗଡ଼ ବିଧାୟକ ଡ. ସାହୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିସହିତ ନୟାଗଡ଼ବାସୀଙ୍କର ଅତୁଟ ସମର୍ଥନ ପାଇଁ ସେ ସମସ୍ତଙ୍କୁ କୋଟି କୋଟି ପ୍ରଣାମ କରିଛନ୍ତି। ନୟାଗଡ଼ ବାସୀଙ୍କର ସ୍ନେହ ଶ୍ରଦ୍ଧାକୁ ସେ ସଦାବେଳେ ଭୁଲି ପାରିବେ ନାହିଁ ବୋଲି ପ୍ରକାଶ କରିଛନ୍ତି। ଏଥି ସହ ମହାପ୍ରଭୁ ଜଗନ୍ନାଥଙ୍କର ଆଶୀର୍ବାଦ ଲୋଡିଛନ୍ତି। ସଦାସର୍ବଦା ନୟାଗଡ଼ ବାସୀଙ୍କର ସେବା କରିବା ପାଇଁ ସଙ୍କଳ୍ପବୋଧ ବୋଲି ପ୍ରକାଶ କରିଛନ୍ତି।

## ସୃଜନିକା ସାହିତ୍ୟ ଉତ୍ସବ




**ନୟାଗଡ଼, ୨୭।୩(ସମିସ):** ନୟାଗଡ଼ରେ ଏକ ସାହିତ୍ୟ ପରିଷଦ 'ସୃଜନିକା'ର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏହାର ପ୍ରଥମ ଅଧିବେଶନରେ ଗୀରିଶ କୁମାର ମିଶ୍ର, ଶେଖ୍ ଅବଦୁଲ୍ ଖାଲିକ ଓ ନିରାକାର ସ୍ୱାଇଁ ଯୋଗ ଦେଇଥିବା ବେଳେ ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଡ଼ଃ ଅରୁଣ କୁମାର ସାହୁ, ରାଜ୍ୟପାଳଙ୍କ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରକ୍ଷକ ନାୟକ, ସମାଜସେବୀ ପ୍ରମୋଦ ପଟ୍ଟନାୟକ, ଜୟକୃଷ୍ଣ ତ୍ରିପାଠୀ(ସଭାପତି ସାହିତ୍ୟାୟନ), ପ୍ରବୀର ମହାନ୍ତି(ସମ୍ପାଦକ ଦେଖାଯାଉ) ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଉତ୍ସବର ତୃତୀୟ ଅଧିବେଶନରେ ଶିଶୁ ସାହିତ୍ୟିକା ବସିରନ୍ ବିବି, ହରପ୍ରିୟା ଦ୍ୱିବେଦୀ ଯୋଗଦେଇଥିଲେ। ଏହି ଅବସରରେ ଏକ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି ଓ ଏହାସହିତ ଉକ୍ତ ପରିଷଦର ମୁଖପତ୍ର ଦ'ସୃଜନିକା' ମୁଖ୍ୟ ଅତିଥିଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା। ଅତିଥିମାନେ ନୟାଗଡ଼ ସାହିତ୍ୟର ପରମ୍ପରା, ଦୋଳ ପର୍ବର ଆଧ୍ୟାତ୍ମିକତା ଓ ସଂସ୍କୃତି ଏବଂ ଆଜିର ସମାଜ ପାଇଁ କବି, ଲେଖକଙ୍କର ଉତ୍ତରଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। କବିତାଗୁଡ଼ିକୁ ଗୋପୀନାଥ ସେଠୀ, ଯଶୋବନ୍ତ ପଟ୍ଟନାୟକ ଓ କ୍ଷଣପ୍ରଭା କର ସଂଯୋଜନା କରିଥିଲେ। ନୀଳମାଧବ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପ୍ରଧାନୀ ବୃନ୍ଦାବନ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ପରିଷଦର ସଚିବ ନିର୍ମଳ ଚନ୍ଦ୍ର ଶୂରଦେଓ 'ସୃଜନିକାଦ' ସୃଷ୍ଟି ସମ୍ପର୍କରେ ତାଙ୍କର ବକ୍ତବ୍ୟ ରଖିଥିଲେ। ଏହି ସଭାରେ ପ୍ରାୟ ଶତାଧିକ କବି ଓ ଲେଖକ ବନ୍ଧୁ ଯୋଗ ଦେଇଥିଲେ। ଶେଷରେ ଉପ ସଭାପତି ନିଳୀମା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ସନ୍ଥ ଭକ୍ତଚରଣ ସ୍ମୃତି ଚାରଣ ସମାରୋହ

**ଦଶପଲ୍ଲା, ୨୭।୩(ସମିସ):** ଭକ୍ତଚରଣ ସ୍ମୃତି ସଂସଦ ତରଫରୁ ଭକ୍ତଚରଣ ମଠ ପରିସରରେ ମଥୁରା ମଙ୍ଗଳ କାବ୍ୟ ପ୍ରଣେତାଙ୍କ ଅନାଲୋଚିତ ଜୀବନୀ, କୃତି ଓ ସଂସ୍କୃତି ଉପରେ ଆୟୋଜିତ ଆଲୋଚନା ଚକ୍ର ବୌଦ୍ଧିକ ପରିବେଶରେ ଅନୁଷ୍ଠିତ ହୋଇ ଯାଇଛି। ଲକ୍ଷ୍ମୀଧର ମହାରଣାଙ୍କ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସସ୍ମିତା ପ୍ରଧାନ ମଧଖଣ୍ଡକୁ ଭକ୍ତଚରଣ କ୍ଷେତ୍ରର ମାନ୍ୟତା ଦାବୀ ରଖିଛନ୍ତି। ପ୍ରାରମ୍ଭରେ ଶିକ୍ଷାବିତ୍ ପ୍ରଫେସର ମାଧବ ମିଶ୍ର ଅଭିଭାଷଣରେ କବିଙ୍କ ଜନ୍ମଭୂମିଠାରୁ କର୍ମଭୂମି, ତତ୍କାଳୀନ ଗୌଡପାଟଣାର ବୃନ୍ଦାବନ ଜୀଉ ଓ ଏବେକାର ପାଟଣା ସାହିର ଗୋପୀନାଥ ଜୀଉ ମଠ, ତତ୍କାଳୀନ କ୍ରୁର ରାଜତନ୍ତ୍ରର ଦମନ ଲୀଳା ତଥ୍ୟଭିତ୍ତିକ ଅବତାରଣା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ବିଶିଷ୍ଟ ଗବେଷକ ଡଃ ଅସିତ୍ ମହାନ୍ତି ସ୍ରଷ୍ଟାଙ୍କ ମୌଳିକ ସୃଷ୍ଟିକୁ ରାଜଦଣ୍ଡର ଚାପରେ ରାଜାଙ୍କ ନାମରେ ଭଣିତି ନକରି ସାହସ ଓ ପ୍ରତିବାଦକୁ ସାହିତ୍ୟ ମାଧ୍ୟମରେ ସପ୍ରସଂଗ ଉଦାହରଣର ଅବତରଣା କରିଥିଲେ। କବିଙ୍କ ତତ୍କାଳୀନ ସାଧନା ପୀଠକୁ ଜଗନ୍ନାଥ ଦାସଙ୍କ ସାଧନା ପୀଠ ସାତଲହଡ଼ି ମଠ ସହିତ ମର୍ଯ୍ୟାଦା ଦାବୀ ଦୋହରାଇଥିଲେ। ଅନ୍ୟତମ ବକ୍ତା ଭାବରେ ଐତିହାସିକ ତଥା ଗବେଷକ ଡଃ ପ୍ରଦୀପ୍ତ ପଣ୍ଡା ଉତ୍ତରପୀଢ଼ି ଏହି ପୀଠର ଗୁରୁ ଦାୟିତ୍ୱ ନେବାକୁ ଆହ୍ୱାନ ଦେଇଥିଲେ। ଏହି ପୀଠର ନିଶୁଳ୍କ ରକ୍ଷଣାବେକ୍ଷଣ ଦାୟିତ୍? ନିଭାଇଥିବା ଟ୍ରଷ୍ଟି କାର୍ତ୍ତିକ ସାହୁଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରିଶେଷରେ କବିଙ୍କ ଜୀବନ ଯନ୍ତ୍ରଣା ଅଥଚ ଅବଦମିତ ଲେଖନୀ ଚାଳନା ଆଧାରିତ ପ୍ରତୀକାତକ କ୍ଷୁଦ୍ର ନାଟକକୁ କୁନି କଳାକାରମାନେ ନିଖୁଣ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ଆଖି ଓଦା କରି ଦେଇଥିଲେ।




## ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**ଖଣ୍ଡପଡ଼ା, ୨୭।୩(ସମିସ):** ଖଣ୍ଡପଡ଼ା ବ୍ଲକ ରଘୁତ ଢୋଲମରା ପଞ୍ଚାୟତରେ ମଙ୍ଗଳବାର ଅପରାହ୍ନରେ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ପ୍ରତ୍ୟେକ ଘରେ ଘରେ ପହଞ୍ଚିଥିବା ନେଇ ପ୍ରଚାର ପ୍ରସାର କରାଯାଇଥିଲା। ପୂର୍ବତନ ବ୍ଲକ ବିଜେଡ଼ି ସଭାପତି ତଥା ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂହଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରମାକାନ୍ତ ସେଠି, ପୂର୍ବତନ ବୋଦସା ସରପଞ୍ଚ ସର୍ବେଶ୍ୱର ସ୍ୱାଇଁ, ଶିକ୍ଷାବିତ ଜନ୍ମେଜୟ ନାୟକ, ସଂଗଠକ ନୀଳମଣି ପରିଡ଼ା, ନିରଞ୍ଜନ ମହାନ୍ତି, ଜିତେନ୍ଦ୍ର ସ୍ୱାଇଁ, ମନୁ ପରିଡ଼ା, ବିନୋଦ ପ୍ରଧାନ, ପ୍ରଶାନ୍ତ କୁମାର ନାୟକ, ପବିତ୍ର ପଣ୍ଡା, କୁମର ମୁଳି, ଭିକାରି ନାଏକ, ରବୀନ୍ଦ୍ର ନାଏକ, ନାରାୟଣ ସ୍ୱାଇଁ, ବିକାଶ ପ୍ରଧାନ, ମଦନ ପରିଡ଼ା, ଦିଲ୍ଲୀପ ନାୟକ, ଚତୁର୍ଭୁଜ ବେହେରା, ନିରଞ୍ଜନ ପରିଡ଼ା, ଟୁଟୁ ନାଏକ ସମେତ ଶତାଧିକ ଛାମୁଆ କର୍ମୀ, ମହିଳା ଓ ଯୁବକମାନେ ଯୋଗଦେଇ ଲୋକଙ୍କୁ ସଚେତନ କରାଇଥିଲେ। ଏତତ୍ ବ୍ୟତୀତ ଆସନ୍ତା ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କୁ ପୁଣିଥରେ ଷଷ୍ଠ ଥର ପାଇଁ କ୍ଷମତାସୀନ କରିବାକୁ ଲୋକଙ୍କ ସହଯୋଗ କାମନା କରିଥିଲେ।

## ତାରିଣୀ ମନ୍ଦିର ବାର୍ଷିକ ଉତ୍ସବ

**ଭାପୁର, ୨୭।୩(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଭାପୁର ପଞ୍ଚାୟତ ମହୁଲିଆ ତାରିଣୀ ମନ୍ଦିର ବାର୍ଷିକ ଉତ୍ସବ ଆୟୋଜିତ ହେଉଛି। ଭାପୁର ଗୋଳାପୋଖରୀ ରାସ୍ତାର ମହୁଲିଆ ଗ୍ରାମ ଛକ ନିକଟରେ ପ୍ରତିଷ୍ଠିତ ମା'ଙ୍କ ମନ୍ଦିର ପରିସରରେ ଏଥିପାଇଁ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁରହିଛି। ବୁଧବାର ଦିନ ଶୁଭାଧିବାସ, କଳସ ସ୍ଥାପନ ପରେ ଯଜ୍ଞ ଆରମ୍ଭ ହୋଇଛି। ଅପରାହ୍ନରେ ବିଭିନ୍ନ ସଂକୀର୍ତ୍ତନ ମଣଳୀର ସଂକୀର୍ତ୍ତନ ପରିବେଷଣ, ରାତିରେ ପୌରାଣିକ ନାଟକ 'ସୁଦଶାବ୍ରତ' ମଞ୍ଚସ୍ଥ ହୋଇଥିଲା। ଗୁରୁବାର ଦିନବେଳା ନବରଙ୍ଗ, ଘୁଡୁକି, ରାତିରେ ସାମାଜିକ ନାଟକ 'କାନ୍ଦୁଛି ରାଧିକା ହସୁଛି କାହ୍ନାଦ' ମଞ୍ଚସ୍ଥ ହେବ। ଏହି ଯାତ୍ରାରେ ହଜାର ହଜାର ଭକ୍ତଙ୍କ ସମାଗମ ହେଉଛି।

**● ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟ**

## ପୂର୍ବ ଅଧ୍ୟକ୍ଷଙ୍କଠାରୁ ଭରଣା ହେବ ୨ ଲକ୍ଷ ୭୯ ହଜାର

**ନୟାଗଡ଼, ୨୭।୩(ସମିସ):** ନୟାଗଡ଼ ଜିଲ୍ଲା ଦଶପଲ୍ଲା ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟର ପୂର୍ବ ଅଧ୍ୟକ୍ଷ ଶ୍ରୀଧର ରଥଙ୍କଠାରୁ ୨ ଲକ୍ଷ ୭୯ ହଜାର ଭରଣା କରିବା ପାଇଁ ୨ ଲକ୍ଷ ୭୯ ହଜାର ୮୯୭ ଟଙ୍କା ଭରଣା କରିବା ପାଇଁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ନୀତି ଓ ନିୟମର ଉଲଂଘନ କରି ଶ୍ରୀ ରଥ ସରକାରୀ ଅର୍ଥର ଅପ ବ୍ୟବହାର କରି ଅନେକ ଜିନିଷ କ୍ରୟ କରିଥିଲେ। ଯାହାକୁ ନେଇ ଉକ୍ତ ମହାବିଦ୍ୟାଳୟର ଜୈନିକ କର୍ମଚାରୀ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ମହାବିଦ୍ୟାଳୟ ଲାବ୍ରୋଟୋରୀ ସାମଗ୍ରୀ କିଣାରେ ଅନିୟମିତତା କରିଥିବା ନେଇ ମାମଲା ଦାୟର ହୋଇଥିଲା। ଏନେଇ ଲୋକାୟୁକ୍ତ ଘଟଣାର ବିଚାର କରି ପୂର୍ବ ଅଧ୍ୟକ୍ଷ ଶ୍ରୀ ରଥଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ତାଙ୍କଠାରୁ ୨ ଲକ୍ଷ ୭୯ ହଜାର ୮୯୭ ଟଙ୍କା ଭରଣା କରିବା ପାଇଁ ସ୍ପେଶାଲ ସେକ୍ରେଟେରୀ ଉଚ୍ଚଶିକ୍ଷା ବିଭାଗଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ବିରୁଦ୍ଧରେ ଶ୍ରୀଯୁକ୍ତ ରଥ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା ସୂଚନା ମିଳିଛି।

## ଇନ୍ଧନଗ୍ୟାସ କାର୍ଯ୍ୟାଳୟକୁ ଯାଇ ବୃଦ୍ଧ ନିଖୋଜ

**ଭାପୁର, ୨୭।୩(ସମିସ):** ଜଣେ ବୃଦ୍ଧ ଖଣ୍ଡପଡ଼ା ଗ୍ୟାସ କାର୍ଯ୍ୟାଳୟକୁ ଯାଇ ବିଳମ୍ବିତ ରାତ୍ରି ଯାଏ ଘରକୁ ନ ଫେରିବାରୁ ପରିବାର ପକ୍ଷରୁ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ ବୁଧବାର ସକାଳ ୧୦ ଟା ସମୟରେ ଭାପୁର ବ୍ଲକ ବଡ଼ସହରା ପଞ୍ଚାୟତ ଗୋପାଳପ୍ରସାଦ ଗ୍ରାମର ସୋମନାଥ ପଟ୍ଟନାୟକ(୬୮) ଖଣ୍ଡପଡ଼ା ଗ୍ୟାସ କାର୍ଯ୍ୟାଳୟ କୁ ସାଇକେଲ ରେ ଘରୁ ଯାଇଥିଲେ। ବାହାରିବାର ଘଣ୍ଟାଏ ପରେ ସେ ଘରକୁ ଫୋନ କରି କହିଲେ ନିଜ ଗ୍ରାମ ନିକଟ ବାନ୍ଦରା ଜଙ୍ଗଲ ଭିତରେ କେହି ଦୁର୍ବୃତ୍ତ ମୋ ସାଇକେଲ ଏବଂ ବ୍ୟାଗ ଚୋରି କରି ନେଇଯାଇଛି ଏବଂ ତାପରେ ଫୋନ ସ୍ୱିଚ ଅଫ୍ ହୋଇଗଲା। ଏହା ଶୁଣି ପରିବାର ପକ୍ଷରୁ ବହୁ ଖୋଜା ଖୋଜି କରିବାପରେ ମଧ୍ୟ କୌଣସି ସନ୍ଧାନ ନ ମିଳିବାରୁ ସନ୍ଧ୍ୟାରେ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ଗତବର୍ଷ ସେହି ଜଙ୍ଗଲରେ ନିକଟସ୍ଥ କୁଞ୍ଜବନପ୍ରସାଦ ଗ୍ରାମର ଜଣେ ବୃଦ୍ଧା ତିନି ଦିନ ନିଖୋଜ ରହିବା ପରେ ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର ହୋଇଥିଲେ।

## ଗଞ୍ଜେଇ ଜବତ, ୪ ଗିରଫ

**ନୟାଗଡ଼/ ଶରଣକୁଳ, ୨୭।୩(ସମିସ):** ନୟାଗଡ଼ ଟାଉନଥାନା ଓ ଶରଣକୁଳ ଥାନା ପୁଲିସ ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ନୟାଗଡ଼ ଟାଉନଥାନା ପୁଲିସ ଦୁଇ ଜଣ ଗଞ୍ଜେଇ ବେପାରୀଙ୍କଠାରୁ ୧ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରାଯାଇଛି। ଓଡଗାଁରୁ ନୟାଗଡ଼ ଗଞ୍ଜେଇ ଚାଲାଣ ବେଳେ ପୁଲିସ ପକ୍ଷରୁ ପିଟିଏସ ଛକନିକଟରେ ଏକ ହୋଣ୍ଡା ଆକ୍ଟିଭ ସ୍କୁଟି ଗାଡିରୁ ୧୦ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଯାହାର ଆନୁମାନିକ ମୁଲ୍ୟ ୧ ଲକ୍ଷ ଟଙ୍କା ହେବ। ଘଡୁଆଳ ଗ୍ରାମର ନିଳକଣ୍ଠ ସାହୁଙ୍କ ପୁଅ ସହିଲ କୁମାର ସାହୁ ଓ ରଣପୁର ଥାନା ଅନ୍ତର୍ଗତ ରଙ୍କଦେଉଳୀ ଗ୍ରାମ ପଞ୍ଚାୟତ ଡମସାହି ଗ୍ରାମର ହରେକୃଷ୍ଣ ସାହୁଙ୍କ ପୁଅ ସରୋଜ କୁମାର ସାହୁଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ଶରଣକୁଳ ପୁଲିସ ଶରଣକୁଳ ନିକଟସ୍ଥ ଅସୁରଢ଼ିପା ଗ୍ରାମର ଚିତ୍ତରଞ୍ଜନ ସାହୁ ଓ ତାର ସହଯୋଗୀ ଜନୈକ ବିବାହିତ ମହିଳାଙ୍କଠାରୁ ପୁଲିସ ଗଞ୍ଜେଇ ଜବତ କରିବା ସହ ଗିରଫ କରିଛି। ଏକ ବାଇକ୍‌ରେ ଜରିବସ୍ତା ଭିତରେ ଗଞ୍ଜେଇ ରଖି ରଣପୁର ଅଞ୍ଚଳରେ ବିକ୍ରି କରିବା ପାଇଁ ଏହି ଦୁଇ ଜଣ ଯାଉଥିବା ସମୟରେ ରବିବାର ରାତିରେ ଗୋଡିପଡ଼ା ଜାଗିରିଖଇରପଟି ଗ୍ରାମ ନିକଟରେ ପୁଲିସ ହାବୁଡ଼ରେ ପଡ଼ିଥିଲେ। ସେମାନଙ୍କ ଠାରୁ ୫ କେଜି ୪୦୦ ଗ୍ରାମ ଗଞ୍ଜେଇ ସହିତ ବାଇକ ଓ ତିନୋଟି ମୋବାଇଲ ଜବତ କରାଯାଇଥିବା ଶରଣକୁଳ ପୁଲିସ ସୂଚନା ଦେଇଛି।

## ଅର୍ଦ୍ଧନିର୍ମିତ ଅବସ୍ଥାରେ ଏନ୍ଏସି ଉଚ୍ଚ ବିଦ୍ୟାଳୟ ମୁଖ୍ୟ ଫାଟକ

**ନୟାଗଡ଼, ୨୭।୩(ସମିସ):** ନୟାଗଡ଼ ସହରର ସମସ୍ତ କାର୍ଯ୍ୟାଳୟ ମୁଖ୍ୟ ଫାଟକ ଗୁଡିକ ରୂପାନ୍ତରିତ ହୋଇ ନୂତନ ରୂପରେଖ ପାଇ ଉଦ୍‌ଘାଟିତ ହୋଇ ସାରିଥିବା ବେଳେ ଏନ୍ଏସି ଉଚ୍ଚ ବିଦ୍ୟାଳୟର ମୁଖ୍ୟ ଫାଟକ କାର୍ଯ୍ୟ ଦୀର୍ଘ ୩ ମାସରୁ ଉର୍ଦ୍ଧ୍ୱ ସମୟ ଧରି ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ି ରହିଛି। ଫଳରେ ଫାଟକ ନଥିବାରୁ ସନ୍ଧ୍ୟା ସମୟରେ ବିଦ୍ୟାଳୟ ପରିସରରେ ନିଶାଡି ତଥା ଅସାମାଜିକ ଲୋକମାନଙ୍କ ପାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ଏପରିକି ସନ୍ଧ୍ୟା ସମୟରେ ବିଦ୍ୟାଳୟ ପରିସରରେ ଅସାମାଜିକ ଲୋକମାନେ ଝାଡା ପରିସ୍ରା କରିବା ସହିତ ମଦ୍ୟପାନ କରୁଥିବାରୁ ବିଦ୍ୟାଳୟ ପରିସର ଅପରିଷ୍କାର ଏବଂ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ୫୭ନଂ ଜାତୀୟ ରାଜପଥ ପାର୍ଶ୍ୱ ତଥା ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର ଶହେ ମିଟର ଦୂରରେ ଅବସ୍ଥିତ ଏହି ବିଦ୍ୟାଳୟଟି ଗତବର୍ଷ ୫-ଟି ବିଦ୍ୟାଳୟରେ ରୂପାନ୍ତରିତ ହୋଇଥିଲା। ଫଳରେ ବିଦ୍ୟାଳୟ ପରିସରଟି ବିଭିନ୍ନ ଫୁଲଗଛରେ ଶୋଭା ବର୍ଦ୍ଧନ କରୁଥିବା ବେଳେ ବର୍ତ୍ତମାନ ମୁଖ୍ୟ ଫାଟକ ନଥିବାରୁ



ଏହା ମଧ୍ୟକୁ ଗାଈଗୋରୁ, ବୁଲା ଷଣ୍ଢ ଇତ୍ୟାଦି ପ୍ରବେଶ କରି ବହୁ ମୂଲ୍ୟବାନ ଗଛ ଆଦିକୁ ଖାଇ ନଷ୍ଟ କରି ସାରିଲେଣି। ସେହିପରି ଅର୍ଦ୍ଧ ନିର୍ମିତ ମୁଖ୍ୟ ଫାଟକ ସାମନାରେ ବାଉଁଶ, ଇଟା, ଗୋଡି, ବାଲି ଆଦି ଗଦା ହୋଇ ରହିବା ଦ୍ୱାରା ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ପ୍ରବେଶ କରିବା ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଇତି ମଧ୍ୟରେ ବିଦ୍ୟାଳୟରେ ଓଡ଼ିଶା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା, ବିଦ୍ୟାଳୟର ବାର୍ଷିକ ପରୀକ୍ଷା, ନିର୍ବାଚନ ତାଲିମ ଶିବିର, ବିଭିନ୍ନ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟ ଆଦି ଚାଲିଥିବା ବେଳେ ଅର୍ଦ୍ଧ ନିର୍ମିତ ଫାଟକ ଯୋଗୁଁ ନାନା ସମସ୍ୟା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ବିଦ୍ୟାଳୟର ମୁଖ୍ୟଫାଟକ ନଥିବାରୁ ବିଦ୍ୟାଳୟ ପରିସରରୁ ଅନେକ ମୂଲ୍ୟବାନ ଗଛ ଚୋରି ହୋଇ ଯାଉଥିବା ବେଳେ ବିଦ୍ୟାଳୟ ସମ୍ପତ୍ତିର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ମୁଖ୍ୟଫାଟକ କାର୍ଯ୍ୟ ଶେଷ କରିବାକୁ ଅଭିଭାବକ, ସ୍ଥାନୀୟ ଜନସାଧାରଣ ତଥା ପୁରାତନ ଛାତ୍ରଛାତ୍ରୀମାନେ ଦାବି ଜଣାଇଛନ୍ତି।

## ବିଶ୍ୱ ନାଟ୍ୟ ଦିବସ ପାଳିତ

**ନୟାଗଡ଼, ୨୭।୩(ସମିସ):** ବିଶ୍ୱ ନାଟ୍ୟ ଦିବସ ଅବସରରେ ନୟାଗଡ଼ କେ.ସି. କ୍ଲବ ଠାରେ 'ନାଟ୍ୟଧାରା' ଆନୁକୂଲ୍ୟରେ ସମାଜସେବୀ ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଏହି ସଭାରେ ବିଶ୍ୱ ନାଟ୍ୟ ଦିବସର ତାତ୍ପର୍ଯ୍ୟ ଆହ୍ୱାନ ଆଉ ଲକ୍ଷ୍ୟ ଉପରେ ଆଲୋଚନା ରଖି ପୃଥିବୀରେ ନାଟ୍ୟ ଆନ୍ଦୋଳନର ଏକ ଚିତ୍ର ଉପସ୍ଥାପନ କରିଥିଲେ ନାଟ୍ୟକାର କମ୍ରେଡ ବିଶ୍ୱନାଥ ମହାପାତ୍ର। ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ତଥା ଅଭିନେତା ପବିତ୍ର ମହାନ୍ତି ଅତ୍ୟାଧୁନିକ ଯୁଗରେ ନାଟକର କ୍ରମ ବିକାଶ, ଓଡିଆ ନାଟକରେ ନୟାଗଡ଼ ନାଟ୍ୟକଳାର ଅବଦାନ ଏବଂ ଲଗାତାର ନାଟ୍ୟ ଧାରାକୁ ଉଜ୍ଜିବିତ କରିବା ପାଇଁ ଲୋକକଳାକୁ ସମ୍ମାନିତ କରିବା ପାଇଁ




ଆହ୍ୱାନ ଦେଇଥିଲେ। ନାଟ୍ୟକାର ପ୍ରଫେସର ରାମଚନ୍ଦ୍ର ମିଶ୍ର ଓଡିଆ ନାଟ୍ୟକାର ବିକାଶ, ନାଟକର ସମାଜ ପ୍ରତିବଦ୍ଧତା, ଏହାର ଗଠନ ମୂଳକ ପ୍ରଭାବ ଉପରେ ବ୍ୟାପକ ଆଲୋଚନା ରଖିଥିଲେ। ନୟାଗଡ଼ରେ ନାଟ୍ୟକଳାର ରଚନାତ୍ମକ ବିକାଶ ପାଇଁ ସଭାପତି ଶ୍ରୀ ପଟ୍ଟନାୟକ ପ୍ରସ୍ତାବ ରଖିଥିଲେ। 'ନାଟ୍ୟଧାରା'ର ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଭିନେତା ଯାମିନୀ ମିଶ୍ର, ନାଟ୍ୟକାର ଅନ୍ତର୍ଯ୍ୟାମୀ ମହାନ୍ତି ଏବଂ ଗଦାଧର ନନ୍ଦ, ନିର୍ମଳ ସୁରଦେଓ ପ୍ରମୁଖ ନାଟ୍ୟ ବିକାଶ ଉପରେ ପ୍ରସ୍ତାବ ଦେଇଥିଲେ।

**ଦେଶବନ୍ଧୁ ପାଠାଗାର ପାଇଁ ଚିନ୍ତାରେ ଗ୍ରାମବାସୀ**

# ପୁନରୁଦ୍ଧାର ପାଇଁ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ ଦାବି

**ଆନ୍ଦୋଳନକୁ ଓହ୍ଲାଇବାକୁ ପାଇଁ ଗ୍ରାମବାସୀଙ୍କ ଚେତାବନୀ**

**ଖଣ୍ଡପଡ଼ା, ୨୭।୩(ସମିସ):**

ଖଣ୍ଡପଡ଼ା ବ୍ଲକ ବନମାଳିପୁର ପଞ୍ଚାୟତ ଅଧୀନ ଯଦୁନାଥପୁର ଶାସନ ଗ୍ରାମର ଦେଶବନ୍ଧୁ ପାଠାଗାରଟି ବୁଡିଯାଇଥିବା ନେଇ ଚିନ୍ତାରେ ଗ୍ରାମବାସୀ। ଗ୍ରାମବାସୀଙ୍କ କହିବା କଥା ହେଲା ଦେଶ ସ୍ୱାଧୀନତା ପୂର୍ବରୁ ଏହି ପାଠାଗାର ପ୍ରତିଷ୍ଠା ହୋଇଥିବା ବେଳେ ଯଦୁନାଥପୁର ଶାସନ ସମେତ ଆଖପାଖ ୧୦ରୁ ଉର୍ଦ୍ଧ? ଗ୍ରାମର ଛାତ୍ରଛାତ୍ରୀ ତଥା ଲୋକଙ୍କ ପାଇଁ ଜୀବନରେଖା ପାଲଟିଥିଲା। ଆମ କଳା, ସଂସ୍କୃତି, ସାହିତ୍ୟ, ଇତିହାସ, ଧର୍ମସଭା ଭଳି ଆଲୋଚନା ସହ ଲୋକଙ୍କ ପାଇଁ ଅବସର ବିନୋଦର ମାଧ୍ୟମ ପାଲଟିଥିଲା। ବିଶେଷକରି ଛାତ୍ରଛାତ୍ରୀ ମାନେ ଏହି ପାଠାଗାରରେ ଦୈନିକ ସକାଳେ ଓ ସନ୍ଧ୍ୟାବେଳେ ଉପାଦେୟ ବହିରୁ ଜ୍ଞାନ ଆହରଣ ସହ ଉପଯୋଗୀ ତଥ୍ୟ ସଂଗ୍ରହ କରୁଥିଲେ। କାଳକ୍ରମେ ସରକରୀ ସହାୟତା ଅଭାବରୁ ତଥା କିଛି ନ୍ୟସ୍ତ ସ୍ୱାର୍ଥ ଲୋକଙ୍କ ଚକ୍ରାନ୍ତ ଯୋଗୁଁ ପାଠାଗାରଟି ବୁଡିବାକୁ ବସିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଖାତା ନଂ ୫୭୬/୬୩ ଏବଂ ୨୫୨୪, ୨୫୨୫ଟି ଦେଶବନ୍ଧୁ ପାଠାଗାର ତତ୍କାଳୀନ ସଭାପତିଙ୍କ ନାମରେ ଥିଲା। ମାତ୍ର ଏବେ ସଭାପତି ଥିବା ଅରୁଣ କୁମାର ମିଶ୍ର ଓ ଗ୍ରାମବାସୀ ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଏହି ଜମିକୁ ଜବରଦଖଲ କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ପାଠାଗାର ନାମରେ ତହସିଲ ପକ୍ଷରୁ ଜମି ଯୋଗାଇ ଦିଆଯାଇଥିବା ବେଳେ ପୂର୍ବତନ ସଭାପତି ଆର୍ତବନ୍ଧୁ ମିଶ୍ର ଏହାର ମାର୍ଫତଦାର ଥିଲେ। ତାଙ୍କର ଦେହାନ୍ତ ପରେ ଉକ୍ତ ଜମିକୁ ସ୍?ର୍ଗତ ମିଶ୍ରଙ୍କ ପରିବାର ପକ୍ଷରୁ ଗ୍ରାମବାସୀଙ୍କୁ ହସ୍ତାନ୍ତର କରାନ ଯାଇ ବଳପୂର୍ବକ ଅକ୍ତିଆର କରାଯାଇଥିବା ଅଭିଯୋଗ ହୋଇଛି। ଫଳରେ ପାଠାଗାର ଉନ୍ନତିକରଣ ବିବାଦ ମଧ୍ୟରେ ଥିବା ବେଳେ ସ୍ଥାନୀୟ ଅଞ୍ଚଳର ବହୁ ପୁରାତନ ଅନୁଷ୍ଠାନ ବୁଡିବାକୁ ବସିଛି। ପୁନରୁଦ୍ଧାର ନିମନ୍ତେ ଗ୍ରାମବାସୀ ତତ୍କାଳୀନ ତହସିଲଦାର, ବର୍ତ୍ତମାନର ତହସିଲଦାର ଏବଂ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ସେ ଏହାକୁ ଅଣଦେଖା କରିବା ସହ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନାହାଁନ୍ତି ବୋଲି ଅଭିଯୋଗ ହୋଇଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ବିଭିନ୍ନ ପାଠାଗାର ଉନ୍ନତି ନିମନ୍ତେ ଲକ୍ଷାଧିକ ଟଙ୍କା ଅନୁଦାନ ରାଶି ଯୋଗାଇଦେଉଥିବା ବେଳେ ଏଠାରେ ଏହି ଅନୁଦାନ ରାଶି ବିନିଯୋଗ ହୋଇନପାରିବା ବିଡମ୍ବନାର ବିଷୟ ବୋଲି ସୂଚନା ମିଳିଛି। ଫଳରେ ଜନ ଅସନ୍ତୋଷ ତୀବ୍ର ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ଯଦି ବ୍ଲକ କିମ୍ବା ଜିଲ୍ଲା ପ୍ରଶାସନ ଏହାର ସୁବିଚାର ନ କରନ୍ତି ଆଗାମୀ ଦିନରେ ଗ୍ରାମବାସୀ ମାନେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ପାଇଁ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି। ପାଠାଗାରରେ ପଢ଼ିଥିବା ପୂର୍ବତନ ଛାତ୍ର ମାନେ କୁହନ୍ତି ଏହି ପାଠାଗାର ଆମ ଅଞ୍ଚଳର ଗୌରବ ତେଣୁ ଏହାର ପୁନରୁଦ୍ଧାର ହେବାର ଆବଶ୍ୟକତା ରହିଛି। ଏଣୁ ସ୍ଥାନୀୟ ତହସିଲ ଏବଂ ଜିଲ୍ଲା ପ୍ରଶାସନ ଏ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ଓ ସାଧାରଣରେ ଦାବି ହୋଇଛି।

## ପୋଖରୀରେ ବୁଡ଼ି ନାବାଳକ ଛାତ୍ର ମୃତ

ଟାଙ୍ଗୀ/କାଳୁପଡ଼ାଘାଟ, ୨୭।୩(ସମିସ): ଟାଙ୍ଗୀ ବ୍ରାହ୍ମଣ ଡିହ ଗ୍ରାମରେ ଘଟିଛି ଅଘଟଣ। ପୋଖରୀରେ ଗାଧୋଇବା ବେଳେ ବୁଡିଯିବାରୁ ନାବାଳକ ଛାତ୍ର ମୃତ୍ୟୁବରଣ କରିଛି। ମୃତ ଛାତ୍ର ହେଲେ ଲୋକନାଥ ମୁଦୁଲି ଓରଫ ବବୁଲ (୧୧)। ମୃତ ଛାତ୍ର ସ୍ଥାନୀୟ ବ୍ରାହ୍ମଣଡିହ ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିଲା। ବିଦ୍ୟାଳୟକୁ ଯିବା ପାଇଁ ନିଜ ବଡ଼ଭାଇ ସୋମନାଥ ମୁଦୁଲି (୧୪) ସହ ପୋଖରୀରେ ଗାଧଉଥିବାବେଳେ ବୁଡି ଯାଇଥିଲା। ସାନଭାଇ ବବଲୁ ପୋଖରୀରେ ବୁଡି ଯାଉଥିବା ଦେଖି ସୋମନାଥ ଘର ଲୋକଙ୍କୁ ଡାକିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ବବୁଲକୁ ପାଣିରୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ବବୁଲକୁ ମୃତ ଘୋଷଣା କରିଥିଲେ। ପୁଲିସ ପହଁଞ୍ଚି ଶବ ଜବତ କରି ତଦନ୍ତ କରୁଛି।

## ଦଣ୍ଡ ଭଗତାଙ୍କୁ ଆକ୍ରମଣ; ଭଗତା ଗୁରୁତର

ଟାଙ୍ଗୀ/କାଳୁପଡ଼ାଘାଟ, ୨୭।୩(ସମିସ): ହୋଲିରେ ଅଘଟଣ। ରାଗ ସୁଝାଇବାକୁ ଯାଇ ଟାଙ୍ଗୀ ବ୍ରାହ୍ମଣ ଡିହ ଗ୍ରାମରେ ଦଣ୍ଡ ଭଗତାଙ୍କୁ ଯୁବକଙ୍କ ମରଣାନ୍ତକ ଆକ୍ରମଣ। ଯୁବକଙ୍କ ଆକ୍ରମଣରେ ଦଣ୍ଡ ଭଗତା ଗୁରୁତର ଆହତ। ଆହତ ହେଲେ ସୂର୍ଯ୍ୟକାନ୍ତ ରାଉତ (୨୮)। ଗୁରୁତର ଅବସ୍ଥାରେ ସୂର୍ଯ୍ୟକାନ୍ତଙ୍କୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର ହୋଇ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ, ବ୍ରାହ୍ମଣି ଗ୍ରାମର ସୂର୍ଯ୍ୟକାନ୍ତ ସ୍ଥାନୀୟ ଓରଡ଼ କୋଠୀରେ ଦଣ୍ଡ ଭଗତା ଭାବେ ସାମିଲ ହୋଇଥିଲେ। ଏହି ଦଣ୍ଡରେ ସାମିଲ ଥିବା ଭଗତାମାନେ ସ୍ଥାନୀୟ ବ୍ରାହ୍ମଣି ଗ୍ରାମରେ ଥିବା ରଘୁନାଥ ଦେବଙ୍କ ମନ୍ଦିରରେ ବିଶ୍ରାମ ନେଉଥିଲେ। ସୂର୍ଯ୍ୟକାନ୍ତ ବିଶ୍ରାମ ନେଉଥିବା ବେଳେ ସେହି ଗ୍ରାମର ଜଣେ ଯୁବକ ପୂର୍ବ ରାଗ ସୁଝାଇବାକୁ ଯାଇ ଠେଙ୍ଗାରେ ସୂର୍ଯ୍ୟକାନ୍ତ କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସୂର୍ଯ୍ୟକାନ୍ତଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଁଚି ଭଗତାଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ। ପରେ ଗୁରୁତର ଭଗତାଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

## ଟ୍ରେଲର ଧକ୍କାରେ ବୋଲେରୋ ଡ୍ରାଇଭର୍ ଓ ହେଲ୍‌ପର୍ ମୃତ

ନିରାକାରପୁର, ୨୭ ।୩(ସମିସ):ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ ରାମେଶ୍ୱର ଛକ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟି ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ମଙ୍ଗଳବାର ବିଳମ୍ବିତ ରାତିରେ ବ୍ରହ୍ମପୁରରୁ ଭୁବନେଶ୍ୱର ଆଡ଼କୁ ଯାଉଥିବା ବୋଲେରୋ ନଂ ଡବ୍ଲୁ ବି ୩୧ -୯୪୭୯ ଖରାପ ହୋଇ ଓଭର ବ୍ରିଜ କଡରେ ଛିଡା କରି ଡ୍ରାଇଭର ଓ ହେଲପର ମରାମତି କରୁଥିଲେ। ସେହି ସମୟରେ ପଛରୁ ଟ୍ରେଲର ନଂ ଓଡି ୧୪ ଏଲ ୫୩୪୯ ଦ୍ରୁତ ଗତିରେ ଆସି ବୋଲେରୋକୁ ଧକ୍କା ଦେଇଥିଲା। ଫଳରେ ବୋଲେରୋକୁ ମରାମତି କରୁଥିବା ଡ୍ରାଇଭର ଓ ହେଲପର ଜାହିର ମଲ୍ଲିକ, ସାନ୍ତୁନ ସାହୁ ଗୁରୁତର ହୋଇଯାଇଥିଲେ। ଖବର ପାଇ ଜଂକିଆ ପୁଲିସ ଆଇଆଇସି ପ୍ରଜ୍ଞା ରିତମ୍ବରା କର ସଦଳବଳେ ପହଞ୍ଚି ଗୁରୁତର ଦୁଇ ଜଣଙ୍କୁ ଖୋର୍ଦ୍ଧା ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସା ଅବସ୍ଥାରେ ଡାକ୍ତର ଗୁରୁତର ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ବ୍ୟବଚ୍ଛେଦ କରିବା ସହିତ ଦୁଇଟି ଯାକ ଗାଡି ଜବତ କରି କେସ ନଂ ୧୧୭/୨୪ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଘଟଣାସ୍ଥଳରୁ ଦୁର୍ଘଟଣା ଘଟାଇଥିବା ଟେଲର ଡ୍ରାଇଭର ଫେରାର ହୋଇଯାଇଛି।

## ମଦ ଜବତ, ଦୁଇ ଗିରଫ

ନିରାକାରପୁର, ୨୭ ।୩(ସମିସ):ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅଞ୍ଚଳରେ ମଙ୍ଗଳବାର ରାତିରେ ନିରାକାରପୁର ପୋଲିସ ଚଢ଼ଉ କରି ସମୁଦାୟ ୮୦ ଲିଟର ଚୋରା ଦେଶୀ ମଦ ଜବତ କରିବା ସହିତ ଦୁଇଜଣ ବେପାରୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ କି ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ନିର୍ଦ୍ଦେଶରେ ବୋଡଙ୍ଗରା ଗ୍ରାମର ଦୁଷ୍ମନ୍ତ କୁମାର ପ୍ରଧାନ ଙ୍କୁ ଗିରଫ କରିବା ସହିତ ତାଙ୍କ ଠାରୁ ୩୦ ବୋତଲ ଆସ୍କା ଫଟି ଦେଶୀ ମଦ ଜବତ କରିଥିବା ବେଳେ ଥାନା ଅଞ୍ଚଳର ରଶ୍ମି ରଞ୍ଜନ ବଳିଆରସିଂହଙ୍କୁ ଜବତ କରି ତାଙ୍କ ଠାରୁ ୫୦ ବୋତଲ ଆସ୍କା ଫଟି ଦେଶୀ ମଦ ସହିତ ବାଇକ୍ ଜବତ କରିଥିବା ଜଣାପଡ଼ିଛି।

## ବିଦେଶୀ ମଦ ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ

ବେଗୁନିଆ, ୨୭ ।୩(ସମିସ): ବେଗୁନିଆ ଥାନା ଅନ୍ତର୍ଗତ ଡିଙ୍ଗର ଗ୍ରାମର କୁଳମଣି ବେହେରା ବିଦେଶୀ ମଦ ବିକ୍ରି କରିବା ପାଇଁ ବେଗୁନିଆରୁ ନିଜ ଗ୍ରାମ ଅଭିମୁଖେ ଯାଉଥିବା ବେଳେ ପୁଲିସ ଖବର ପାଇ ସ୍ଥାନୀୟ ହରିଜନ ସାହି ନିକଟରୁ ଧରିଥିଲେ। ଏଥି ଘଟଣାରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।ଏଥିରୁ ପ୍ରାୟ ୧୫ ଲିଟରରୁ ଊର୍ଦ୍ଧ୍ୱ ହେବ ବୋଲି ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ସୂଚନା ଦେଇଛନ୍ତି।

# ଦହିହାଣ୍ଡି ଭାଙ୍ଗିଲେ, ରଙ୍ଗରେ ଭିଜିଲେ ଜିଲ୍ଲାବାସୀ

ଖୋର୍ଦ୍ଧା, ୨୭।୩(ସମିସ)

ଗାଁ ଠାରୁ ପୁରପଲ୍ଲୀ ସବୁଠାରେ ବେଶ୍ ଜମିଛି ଭାଇଚାରର ପର୍ବ ହୋଲି। ଧନୀ, ଗରିବ, ଜାତି, ଧର୍ମ ଓ ବର୍ଣ୍ଣକୁ ପଛରେ ପକାଇ ହୋଲି ରଙ୍ଗରେ ସଭିଏଁ ସମଗୁଲ। ହରବାଲ ଗୁଲାଜା ରଙ୍ଗରେ ସମସ୍ତେ ରଙ୍ଗିଲା ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ଡ଼ିଜେ ସାଉଣ୍ଡ ର ତାଳେ ତାଳେ ଆବାଳ ବୃଦ୍ଧ, ବନିତା ସମସ୍ତେ ଝୁମିଥିବା ଦେଖାଯାଇଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ରାଜନେତାମାନେ ମଧ୍ୟ ଚଳିତ ବର୍ଷ ହୋଲିରେ ପଦାକୁ ବାହାରିବା ଏବଂ କର୍ମୀମାନଙ୍କୁ ମିଷ୍ଟାନ ବଣ୍ଟନ ସମେତ ସେମାନଙ୍କ ସହ ହୋଲି ଖେଳିବାକୁ ବେଶ ପସନ୍ଦ କରିଥିବା ଦେଖାଯାଇଛି। କିଛି ସ୍ଥାନରେ ଦହିହାଣ୍ଡି ଭାଙ୍ଗି ହୋଲିର ମଜା ଯୁବଗୋଷ୍ଠି ଓ ଅନ୍ୟମାନେ ନେଇଥିବା ବେଳେ ମହିଳାମାନେ ମଧ୍ୟ ହୋଲିର ମଜା ନେବାକୁ ପଛାଇ ନ ଥିଲେ। ଚୈତ୍ର ମଙ୍ଗଳବାର ରେ ହୋଲି ପଡ଼ିଥିବାରୁ ମାଛ ମାଂସ ଦୋକାନରେ ସେଭଳି ଭିଡ଼ ପରିଲକ୍ଷିତ ହୋଇନଥିବାବେଳେ ଅଧିକାଂଶ ଲୋକ



ନିଜ ପରିବାର ମଧ୍ୟରେ ହୋଲି ମନାଇଥିବା ଜଣାଯାଇଛି। ସେହିପରି ଆଉ କିଛି ଯୁବ ଗୋଷ୍ଠି କ୍ଲବ ଏବଂ ଗୋଷ୍ଠିଗୃହରେ ନିଜର ସହପାଠୀ ଓ ସହଯୋଗୀ ସହିତ ହୋଲି ମନାଇଥିବା ବେଳେ ଅଧିକାଂଶ ନିଜ ଗୁରୁଜନଙ୍କୁ ପାଦରେ ଏବଂ ମୁଣ୍ଡରେ ଫଗୁ ଦେଇ ତାଙ୍କର ଆର୍ଶିବାଦ କାମନା କରିଥିବା ଜଣାଯାଇଛି।ତେବେ କିଛିସ୍ଥାନରେ କାଁ ଭାଁ ଛୋଟ ଛୋଟ ଗଣ୍ଡଗୋଳକୁ ହୋଇଥିବା ଦେଖିବାକୁ ମିଳିଥିବାବେଳେ ହୋଲି ପର୍ବ ପ୍ରାୟତଃ ଶାନ୍ତି ଶୃଙ୍ଖଳରେ ଶେଷ ହୋଇଥିବା ଜଣାଯାଇଛି। ଜିଲ୍ଲା ପୁଲିସ ତରଫରୁ ୫ପ୍ଲାଟୁନ ପୁଲିସ ଫୋର୍ସ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ପଇଁତରା ମାରିଥିବେଳେ ବାଇକ ପାଟ୍ରୋଲିଂ ପୁଲିସ ପକ୍ଷରୁ କରାଯାଇଥିବା ଦେଖାଯାଇଛି।

ବୋଲଗଡ଼:ଦୋଳ ପର୍ବ ଅବସରରେ ଦୋଳପୂର୍ଣ୍ଣମୀ, ହୋଲି ର ରଙ୍ଗଖେଳ ଆନନ୍ଦ ଉଲ୍ଲସର ସହିତ ସ୍ଥାନୀୟ ବ୍ଲକ ଅଞ୍ଚଳରେ ପାଳିତ ହୋଇଯାଇଥିବା ବେଳେ ବୋଲଗଡ଼ ବ୍ଲକ ଗେଡ଼ିଆପଲି ଏବଂ ସ୍ଥାନୀୟ ବ୍ଲକ ନିକଟସ୍ଥ ରାଜସୁନାଖଳା ଠାରେ ଫୁଲଦୋଳ ଯାତ୍ରା ଉତ୍ସବ ମହାଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଛି। ଗେଡ଼ିଆପଲ୍ଲୀ ସ୍ଥିତ ଶ୍ରୀ ଜଳେଶ୍ୱର ଦେବଙ୍କ ମନ୍ଦିର ପରିସର ସ୍ଥାନୀୟ ଅଞ୍ଚଳରୁ ସାଲତରା ସ୍ଥିତ ଶ୍ରୀ ବାଲୁଙ୍କେଶ୍ୱରଦେବ ଏବଂ ଶାମୁକା ପାଟଣାର ରାଧାକାନ୍ତ ଦେବ, ଗେଡ଼ିଆପଲ୍ଲୀ ପାଟଣା ରାଧାକାନ୍ତ ଦେବ, ନୂଆଗାଁ ସ୍ଥିତ ରଶିକବିହାରୀ ମଦନ ମୋହନ, କୋଲୁହାପାଟଣା ରାଧାକାନ୍ତ ଦେବ ସ୍ୱପ୍ନେଶ୍ୱରଦେବ ପ୍ରମୁଖ ନିମନ୍ତ୍ରିତ ଠାକୁର ମାନେ ସାତୋଟି ଦୋଳବିମାନରେ ଅଟୋପ ପଟୁଆରରେ ଦୋଳ ପଡ଼ିଆକୁ ବିଜେ କରିଥିଲେ ସେହିପରି ରାଜସୁନାଖଳା ଠାରେ ରାଜ ଠାକୁରାଣୀ ମା'କାଉଁରୀ ଠାକୁରାଣୀ ଙ୍କ ସମେତ ୨୬ଟି ଦୋଳ ବିମାନ ରେ ନିମନ୍ତ୍ରିତ ଦେବା ଦେବୀ ମାନେ ଫୁଲ ଦୋଳ ପଡ଼ିଆକୁ ଆସିଥିଲେ। ଉଭୟ ସ୍ଥାନରେ ନିମନ୍ତ୍ରିତ ଦେବା ଦେବୀମାନେ ଦୋଳ ପଡ଼ିଆକୁ ଏକ ଆଡ଼ମ୍ବର ପୂର୍ଣ୍ଣ ଅତୀବ ସୁନ୍ଦର ପାଟୁଆରରେ ବିଜେ କରିଥିଲେ। ଉଭୟ ସ୍ଥାନରେ ଫୁଲଦୋଳ ଯାତ୍ରା ପଡ଼ିଆରେ ଦୋଳବିମାନରେ ବିଜେ କରିଥିବା ଦେବ ଦେବୀମାନଙ୍କୁ ପ୍ରାତଃ ମଧ୍ୟାନ ଏବଂ ସନ୍ଧ୍ୟା ସମୟରେ ତିନି ଧୂପ ଲାଗି କରାଯାଇଥାଏ।ଦୋଳ ବିମାନରେ ବିଜେ ଦେବ ଦେବୀଙ୍କୁ ଦର୍ଶନ କରିବାକୁ ଶ୍ରଦ୍ଧାଳୁଙ୍କ ସାମଗମ ଦେଖିବାକୁ ମିଳିଛି।



## ● ଗାଈ ଚୋରି ବେଳେ ଉଠିପଡ଼ିଲେ ଲୋକ | ଗାଡ଼ି ଛାଡ଼ି ପଳାଇଲେ ମାଫିଆ

ଜଟଣୀ, ୨୭ ।୩(ସମିସ):ଗାଈ ଚୋରି ବେଳେ ଉଠିଗଲେ ଗାଁ ଲୋକେ, ଗାଡି ଛାଡି ପଳାଇଲେ ଗୋ ମାଫିଆ। ସୂଚନା ମୁତାବକ ସୋମବାର ଭୋର ସମୟରେ ଜଟଣୀ ଥାନା ନିରଞ୍ଜନପୁର ଅଞ୍ଚଳରେ ଗାଁ ଭିତରୁ ଲୋକ ମାନଙ୍କ ଘର ସାମ୍ନାରୁ ଏକ ଧଳା ରଙ୍ଗର ସ୍କର୍ପିଓ ଗାଡ଼ିରେ ୫ ରୁ ୬ ଜଣ ଯୁବକ ଗାଈ ଚୋରି କରିବାକୁ ଉଦ୍ୟମ କରୁଥିବା ବେଳେ ଲୋକମାନେ ଉଠିଯିବାରୁ ଗୋରୁ ମାଫିଆ ଗାଡି ଛାଡି ଫେରାର ହୋଇଯାଇଛନ୍ତି। ଗାଡିର ରେଜିଷ୍ଟ୍ରେସନ ନମ୍ବରରୁ ସର୍ଚ୍ଚ କଲେ ଜଣାପଡୁଛି ଗାଡି ଟି ରାଉରକେଲା ଆରଟିଓରେ ରେଜିଷ୍ଟ୍ରେସନ ହୋଇଛି। ତେବେ ଚୋରମାନେ ଦୌଡ଼ି ପଳେଇବା ସମୟରେ ଏକ ଆଇଫୋନ ଟି ଗାଡି ଭିତରେ ଛାଡି ପଳାଇଥିଲେ। ଗ୍ରାମବାସୀ ଜଟଣୀ ପୁଲିସକୁ ଖବର ଦେବା ପରେ ଉଭୟ ସ୍କର୍ପିଓ ଗାଡି ଏବଂ ଆଇଫୋନକୁ ପୋଲିସ ଜବତ କରି ଥାନାକୁ ନେଇଛି। ହେଲେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ବୋଲି ପୁଲିସ



ପକ୍ଷରୁ ସୂଚନା ମିଳିଛି। ସେପଟେ ଜଟଣୀ ଥାନାଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି ଉକ୍ତ ସ୍କର୍ପିଓ ଗାଡିର ମାଲିକ ଏବଂ ମୋବାଇଲ ନମ୍ବରକୁ ଟ୍ରାକ କରି ତଦନ୍ତ ଜାରି ରହିଛି। ଖୁବ ଶୀଘ୍ର ଅଭିଯୁକ୍ତଙ୍କୁ ଠାବ କରାଯିବ।

## ବସ୍ ଧକ୍କାରେ ବାଇକ୍ ଚାଳକ ମୃତ

ବେଗୁନିଆ, ୨୭ ।୩(ସମିସ):ବେଗୁନିଆ ଥାନା ଅନ୍ତର୍ଗତ ଲେହଙ୍ଗ ଠାରେ ମଙ୍ଗଳବାର ଦିନ ଅପରାହ୍ନରେ ନାଚୁଣୀ ଥାନା ଅନ୍ତର୍ଗତ କୁମାଣ୍ଡଲୁ ଗ୍ରାମର ଜ୍ୟୋତି ବିକାଶ ମହାନ୍ତି କୌଣସି ଏକ ଜରୁରୀ କାର୍ଯ୍ୟ ସାରି ବାଇକ ଯୋଗେ ବେଗୁନିଆ ଅଭିମୁଖେ ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଲକ୍ଷ୍ମୀ ବସ ଧକ୍କା ଦେବାରୁ ଗୁରୁତର ଭାବେ ଆହତ ହୋଇଥିଲେ। ଫଳରେ ସ୍ଥାନୀୟ ଲୋକମାନେ ୧୦୮ ଆମ୍ବୁଲାନସ ଯୋଗେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ନିମିତ୍ତ ପଠାଇ ଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଜ୍ୟୋତିଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଲିସ କେସ ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ବୋଲି ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ସୂଚନା ଦେଇଛନ୍ତି।

## ଶତାୟୁ ସ୍ୱାଧୀନତା ସଂଗ୍ରାମୀ ହଟନାଥ ମଙ୍ଗରାଜଙ୍କ ସ୍ମୃତିସଭା

ଖୋର୍ଦ୍ଧା, ୨୭।୩(ସମିସ): ସିକୋର ଶତାୟୁ ସ୍ୱାଧୀନତା ସଂଗ୍ରାମୀ ତଥା କଳିଙ୍ଗ ପାଇକ ସଂଗଠନର ଅନ୍ୟତମ ପ୍ରତିଷ୍ଠାତା ହଟନାଥ ମଙ୍ଗରାଜଙ୍କ ବିୟୋଗରେ ଏକ ସ୍ମୃତିସଭା ଖୋର୍ଦ୍ଧା କଳିଙ୍ଗ ପାଇକ ସଂଗଠନ କାର୍ଯ୍ୟାଳୟ ପରିସରରେ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ତାଙ୍କର ବହୁବିଧ ସାଂଗଠନିକ କାର୍ଯ୍ୟାବଳୀର ସ୍ମୃତିଚାରଣ କରାଯାଇ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଆସନ୍ତା ୨ ତାରିଖ ତାଙ୍କର ଏକାଦଶାହ ତିଥିରେ ସିକୋଠାରେ ଏକ ବିଶେଷ କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର ହୋଇଥିଲା। ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ମୃତ୍ୟୁଞ୍ଜୟ ଛୋଟରାୟ, ଐତିହାସିକ ସତ୍ୟବାଦୀ ବଳିୟାରସିଂହ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସୁଷମା ପ୍ରଧାନ, ବୈଦ୍ୟନାଥ ବରାଳ, ଇଂ ଶିଶିର କୁମାର ନାୟକ, ଅମରେନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ଓ.ଏ.ଏସ୍ ଅଫିସର ସହଦେବ ଜୟସିଂହ, ଡ.ପ୍ରଦୀପ ବିଶ୍ୱାଳ ଓ ଗଡ଼ ବଳଭଦ୍ରପୁରର ସତ୍ୟବାଦୀ ବଳୀୟାରସିଂହ ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ।

## ସରକାରୀ ଜାଗା ଜବରଦଖଲମୁକ୍ତ ଦାବିରେ ଗ୍ରାମବାସୀଙ୍କ ଧାରଣା

ବୋଲଗଡ଼, ୨୭ ।୩(ସମିସ):ବୋଲଗଡ଼ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ପୂର୍ବାହ୍ନ ୧୦ ଟା ସମୟରୁ ଡ଼ାବରଧୁଆ ପଞ୍ଚାୟତ ଅସନପଲ୍ଲୀ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସରକାରୀ ଜାଗା ଜବରଦଖଲ ମୁକ୍ତି ଦାବିରେ ଗାନ୍ଧୀଫଟୋ ରଖି ଗଣ ଧାରଣା ଓ ଅନଶନ କରି ଶାନ୍ତିପୂର୍ଣ୍ଣ ଭାବେ ବସି ରହି ଜବର ଦଖଲ ମୁକ୍ତ ପାଇଁ ନିବେଦନ ପତ୍ର ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ଉକ୍ତ ଗ୍ରାମର ଜନୈକ ବ୍ୟକ୍ତି ସରକାରୀ ଜମିକୁ ଦଖଲ କରି ସେଥିରେ ଛାତ ଘର ନିର୍ମାଣ କରିଥିବା



ଅଭିଯୋଗ କରିଛନ୍ତି। ଏଥିନେଇ ଗ୍ରାମବାସୀ ଥାନା ର ଦ୍ୱାରସ୍ଥ ହୋଇଥିବା ବେଳେ ସମାଧାନର ରାସ୍ତା ବାହାରିନଥିଲା।ପରେ ଗ୍ରାମବାସୀ ମାନେ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଏଥିନେଇ ଅଭିଯୋଗପତ୍ର ଦେଇଥିବାର କହିଛନ୍ତି। ତେବେ ଏଯାବତ ଏହି ସମସ୍ୟା ର ନହେବାରୁ ଏହାର ପ୍ରତିବାଦରେ ବୋଲଗଡ଼ ତହସିଲ ସମ୍ମୁଖରେ ଜବରଦଖଲ ମୁକ୍ତ ନହେବା ପର୍ଯ୍ୟନ୍ତ ଧାରଣା ଓ ଅନଶନ କରିବା ପାଇଁ ବସିରହିଥିଲେ। ତେବେ ମଧ୍ୟାହ୍ନ ୧ ଘଣ୍ଟା ସମୟରେ ତହସିଲଦାର ନିବେଦିତା ପରିଡ଼ା ଧାରଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ।ଏବେ ନିର୍ବାଚନ କାର୍ଯ୍ୟଧାରା ଚାଲିଥିବାରୁ ଉଚ୍ଛେଦ ସମ୍ଭବ ନୁହେଁ ତେଣୁ ଜୁନ ମାସ ୫ ତାରିଖ ପରେ ସେ ଏଥିନେଇ ଆଇନଅନୁସାରେ ପଦକ୍ଷେପ ନେବେ ବୋଲି ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ଧାରଣାରେ ବସିଥିବା ଗ୍ରାମବାସୀ ମାନେ ଧାରଣା ଅନଶନକୁ ପ୍ରତ୍ୟାହୃତ କରିଥିଲେ। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ଆଇଆଇସି ସ୍ନିଗ୍ଧାମୟୀ ବରାଡଙ୍କ ନେତୃତ୍ୱରେ ସ୍ଥାନୀୟ ଥାନା ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ସରପଞ୍ଚଙ୍କ ଘର ଉପରେ ଆକ୍ରମଣ; ପୁଲିସ ଫୋର୍ସ ମୁତୟନ

ଖୋର୍ଦ୍ଧା, ୨୭।୩(ସମିସ): ବାଘମାରି ଥାନା ଅନ୍ତର୍ଗତ ପଙ୍ଗାରସିଂହ ପଞ୍ଚାୟତ ସରପଞ୍ଚଙ୍କ ଘର ଉପରକୁ ହୋଲି ଦିନ କିଛି ଲୋକ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏଥିରେ ସରପଞ୍ଚଙ୍କ ଏକ ଦାମୀ କାର, ଏକ ବାଇକ୍ ଭାଙ୍ଗି ନଷ୍ଟ ହୋଇଥିବାବେଳେ ମିଲ ଘର ଆଜବେଷ୍ଟସ ଭାଙ୍ଗ ଚୁରମାର ହୋଇଛି। ମାତ୍ର ଏନେଇ ଉଭୟ ପକ୍ଷରୁ କୌଣସି ଅଭିଯୋଗ ହୋଇ ନଥିବାର ବାଘମାରି ଥାନା ଅଧିକାରୀ ଶମ୍ଭୁନାଥ ନାୟକ କହିଛନ୍ତି।



ପୁଲିସ ସୂଚନା ମୁତାବକ ପଙ୍ଗାରରସିଂହ ସରପଞ୍ଚଙ୍କ ପୁଅ ମଙ୍ଗଳବାର ଦିନ ସାଙ୍ଗ ସହିତ ଗ୍ରାମକୁ ଫେରୁଥିବା ସମୟରେ ଦିନିଆରି ଛକ ଠାରେ ଆଦିବାସୀ ସମ୍ପ୍ରଦାୟ କିଛି ଯୁବକଙ୍କ ମଧ୍ୟରେ ତାଙ୍କର ବଚସା ଘଟିଥିଲା। ଏଥିରେ ଆଦିବାସୀ ସମ୍ପ୍ରଦାୟର କିଛି ଲୋକ ଉତକ୍ଷିପ୍ତ ହୋଇ ସଂଘବଦ୍ଧ ଭାବେ ଏକଜୁଟ ହୋଇ ସରପଞ୍ଚଙ୍କ ଘରକୁ ଭାଙ୍ଗିବା ସହ ବାହାରେ ଥିବା ଏକ ମୋଟରସାଇକେଲ ଓ କାରକୁ ଭଙ୍ଗାରୁଜା କରିଥିଲେ। ଖବର ପାଇ ଘଟଣାସ୍ଥଳରେ ଏସଡିପିଓ(ସଦର) ଦିଲ୍ଲୀପ କୁମାର ଦାସ, ବାଘମାରି ଥାନା ଅଧିକାରୀ ଶମ୍ଭୁନାଥ ନାୟକ, ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ସମେତ ପୁଲିସ ଫୋର୍ସ ପହଁଞ୍ଚିଚ ଲୋକଙ୍କୁ ବୁଝାସୁଝା କରି ଉତେଜନାକୁ ପ୍ରଶମନ କରିଥିଲେ। ଘଟଣାସ୍ଥଳରେ ପୁଲିସ ତଦନ୍ତ କରିଥିଲେ ମଧ୍ୟ ଏନେଇ ଉଭୟ ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବାର ପୁଲିସ ପକ୍ଷରୁ ସୂଚନା ମିଳିଛି।





# ବାପ ଘରୁ ବାହୁଡ଼ିଲେ ମା'ଭଗବତୀ

ବାଣପୁର, ୨୭ ।୩ (ସମିସ)

ଉତ୍କଳୀୟ ସଂସ୍କୃତି ପରମ୍ପରାରେ ଦେବା ଦେବୀଙ୍କ ନୀତିକାନ୍ତି ପର୍ବ ପର୍ବାଣୀ ଅତ୍ୟନ୍ତ ବିସ୍ମୟ ଓ ବିଚିତ୍ରମୟ। ବାଣପୁରର ଅଧିଷ୍ଠାତ୍ରୀ ଦେବୀ ପରମପ୍ରେମମୟୀ ଶ୍ରୀରାଧା ସ୍ୱରୂପିଣୀ ମା'ଭଗବତୀଙ୍କ ଦୋଳ ପର୍ବ ବଡ଼ ବିଚିତ୍ର। ଫାଲଗୁନ ଶୁକ୍ଳ ଦଶମୀରୁ ମା'ଙ୍କ ଦୋଳପର୍ବ ଆରମ୍ଭ ହୋଇ ଏକାଦଶୀ, ଦ୍ୱାଦଶୀରେ ଦୁର୍ଗା ଓ ମାଧବ ରୂପୀ ମା'ଭଗବତୀଙ୍କ ସହିତ ଶ୍ରୀ ଜଗନ୍ନାଥଙ୍କ ପ୍ରତୀକ ଶ୍ରୀରଙ୍ଗନାଥ ଦେବ ମିଶି ନଗର ପରିକ୍ରମା ପରେ ତ୍ରୟୋଦଶୀରେ ଛ ଶାସନର ନିମନ୍ତ୍ରଣ ରକ୍ଷା କରି ବାଲୁଗାଁ ଅଞ୍ଚଳର ଆରାଧ୍ୟ ଠାକୁର ଶ୍ରୀଉମାମହେଶ୍ୱର ଦେବଙ୍କୁ ହକାରୀ ଆଣି ମହେଶ୍ୱରଙ୍କୁ ମନ୍ଦିର ଦାୟିତ୍ୱ ଦେଇ ଉମା ସରୁପିଣୀ ମା' ଭଗବତୀ ବୁଲନ୍ତି ଚାଚେରୀ ଖାଇ। ଦେବୀ ଫେରିବା ପର୍ଯ୍ୟନ୍ତ ମହେଶ୍ୱର ଦେବ ଏକାକୁ ଦୁଆ ଦ୍ୱାର ପାଖରେ ବସି ରହନ୍ତି। ମା'ଙ୍କୁ ସମ୍ମାନ ଦେବା ସହିତ ସ୍ୱାଧୀନତା ପ୍ରଦାନ ଦୋଳ ପର୍ବର ଆଉ ଏକ ମହାନ ବିଶେଷତ୍ୱ ରହିଛି ବାଣପୁର ସଂସ୍କୃତିରେ। ଚତୁର୍ଦ୍ଦଶୀ ପୂର୍ଣ୍ଣମୀ ଦୁଇ ଦିନ ଧରି ମା' ତିନି ଶାସନ ପରିକ୍ରମା କରିବା ପରେ ଅନ୍ୟ ସାମିଲ ଠାକୁରଙ୍କ ସହ ମା'ଙ୍କ ବାପ ଘର ପୂଜକ ସାଆନ୍ତଙ୍କ ଦୁଆରକୁ ପହଞ୍ଚିଲା ପରେ ପୂଜକ ପରିବାର ଅନ୍ୟ ଠାକୁରଙ୍କୁ ପଇଡ଼ ଦ୍ୱାରା ଆପ୍ୟାୟିତ କଲାବେଳେ କନ୍ୟା ତୁଲ୍ୟା ମା'ଭଗବତୀଙ୍କୁ ଟଭା ପତରରେ ଛୁଙ୍କ ଦିଆ ଦହି ପଖାଳ ସହିତ ମାଛ ଗୁଣ୍ଡି ଭଜା ବାଢ଼ି ଦିଅନ୍ତି। ଶିବ ସ୍ୱରୂପ ଚନ୍ଦ୍ରଶେଖର ଉମାମହେଶ୍ୱର ଦେବ, ପରମବିଷ୍ଣୁ ଶ୍ରୀଜଗନ୍ନାଥଙ୍କ ସ୍ୱରୂପ ଶ୍ରୀରଙ୍ଗ ନାଥଦେବ, ଶ୍ରୀରଘୁନାଥ ଦେବଙ୍କ ସହିତ ମା'ଭଗବତୀଙ୍କୁ ଏକ ସମୟରେ ବେଲପତ୍ର, ତୁଳସୀ, ପୁଷ୍ପ ପକାଇ ନିରାମିଷ ଓ ଆମିଷ ନୈବେଦ୍ୟ ଘଣ୍ଟ କାହାଳୀ ବଜାଇ ଏକ ସମୟରେ ଧୂପ କରାଯିବାର ନିଆରା ପରମ୍ପରା କେବଳ ବାଣପୁରରେ ହିଁ ଦେଖିବାକୁ ମିଳେ। ଧୂପ ପରେ ବାପ ଘରୁ ଶାଢି ଶଙ୍ଖା ସିନ୍ଦୁର ଭାର ନେଇ ମା' ଭଗବତୀ ମନ୍ଦିରକୁ ଫେରନ୍ତି। ଚଳିତ ବର୍ଷ ଦୁଇ ଦିନ ଧରି ପୂର୍ଣ୍ଣିମା ଲାଗିବାରେ ଶେଷ ଦିନ ଦୋଳି ଖେଳ ଓ ନୂଆ ପାଞ୍ଜି ପଠନ ପରେ ପ୍ରତିପଦାରେ ଦହିଯାତରେ ନିଯୋଗୀ ସେବାୟତଙ୍କ ସହିତ ଥାଟ ପଟୁଆର, ବାଣ ରୋଷଣି ସହ ଜଗନ୍ନାଥପୁର, ବିଷର ପାଟଣା ପରିକ୍ରମା କରି ଦଧି ହାଣ୍ଡି ଭଗ୍ନ ପରେ ମନ୍ଦିରକୁ ବାହୁଡିଲେ ମା' ଭଗବତୀ। ଚଳିତ ବର୍ଷ ମା'ଙ୍କ ଛଅ ଦିନ ଧରି ଏହି ମହାନ ଯାତ୍ରା କାର୍ଯ୍ୟ ନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସଙ୍କ ସମେତ ମନ୍ଦିର ପ୍ରଶାସନ, ପୋଲିସ ପ୍ରଶାସନର ମିଳିତ ସହଯୋଗରେ ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଛି।



## ଦୋଳଯାତ୍ରା ଲାଗି ଭୂଷଣ୍ଡପୁର ଉତ୍ସବ ମୁଖର



ଭୁଷଣ୍ଡପୁର, ୨୭।୩(ସମିସ): ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭୂଷଣ୍ଡପୁର ଓ ବାଲିପାଟପୁର ର ଦୋଳଯାତ୍ରା ପାଳିତ ହୋଇଅଛି। ନୀଳାମ୍ବୁ ଚିଲିକାର ତଟ ଦେଶରେ ଅବସ୍ଥିତ ଦୁଇଟି ପଞ୍ଚାୟତରେ କେଁଉ ଆବାହମାନ କାଳରୁ ଦୋଳପୁର୍ଣ୍ଣରିମା ଉତ୍ସବ ଅନୁଷ୍ଠିତ ହୋଇଆସୁଅଛି। ଉଭୟ ପଞ୍ଚାୟତର କେନ୍ଦ୍ରସ୍ଥଳୀ ଦୋଳପଡ଼ିଆର ଗୋଟିଏ ପାର୍ଶ୍ୱରେ ଐଶ୍ୱାନେଶ୍ୱର ଦେବ ଏବଂ ଅନ୍ୟ ଏକ ପାର୍ଶ୍ୱରେ ପତିତ ପାବନ ଦେବ ଠାକୁର ବିରାଜମାନ କରି ଆତସ ବାଜି ପ୍ରତିଯୋଗିତା ହୋଇଥାଏ। ମାତ୍ର ଚଳିତ ବର୍ଷ ପ୍ରଶାସନିକ କଟକଣା କାରଣରୁ ଆତସ ବାଜି ପ୍ରତିଯୋଗିତା ବନ୍ଦ କରାଯାଇଥିଲା। ପ୍ରତି ବଦଳରେ ନବ ଜ୍ୟୋତି ୟୁଥ କ୍ଲବ ତରଫରୁ ଦୁଇଟି ସାମାଜିକ ନାଟକ ପରିବେଷଣ କରାଯାଇଛି। ପ୍ରଥମ ଦିନ ନାଟକ କଳା କାହ୍ନୁ ମୋର କାଳିଆ ସୁନା ନାଟକକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ। ବରିଷ୍ଠ ଆଇନିଜୀବୀ ଅନିଲ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ରୂପେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ସମ୍ମାନିତ ଅତିଥିରୂପେ ଭୂଷୁଣ୍ଡପୁର ସରପଞ୍ଚ ସୌରଭ କୁମାର ଦାସମହାପାତ୍ର, ବାଲିପାଟପୁର ସରପଞ୍ଚ ପ୍ରତିନିଧି ଭୀମ ସେନ ବେହେରା, ଖୋର୍ଦ୍ଧା ଜିଲ୍ଲା ବିଜୁ ଜନତାଦଳ ଉପ ସଭାପତି ବିରଞ୍ଚି ନାରାୟଣ ପ୍ରଧାନ, ମୁଳକ ସଭାପତି ନବ କିଶୋର ଦାଶ ଓ ରବୀନ୍ଦ୍ର କୁମାର ସାମନ୍ତରାୟ ସାମ୍ବାଦିକ ରଞ୍ଜନ କୁମାର ସାହୁ, ପୂର୍ବତନ ସରପଞ୍ଚ ତ୍ରିନାଥ ବେହେରା, ସମାଜ ସେବୀ ଗୋଲକ ବିହାରୀ ପଟ୍ଟନାୟକ ଓ ଭରତ ଚନ୍ଦ୍ର ଦାଶ ଉପସ୍ଥିତ ଥିବାବେଳେ ନବ ଜ୍ୟୋତି ୟୁଥ କ୍ଲବ ସଭାପତି ଅଜୟ ମହାରଣା ମଞ୍ଚ ପରିଚାଳନା କରିଥିଲେ।

